## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

#### ଅଙ୍ଗନୱାଡି କର୍ମୀଙ୍କୁ ଆକ୍ରମଣ ମାମଲା

ଧର୍ମଶାଳା,୨।୭(ଡି.ଏନ.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ଚୋରମୁହାଁ ଗ୍ରାମର ଅଙ୍ଗନୱାଡ଼ି କର୍ମୀ ତିଳୋତ୍ତମା ବେହେରାଙ୍କୁ ଆକ୍ରମଣ କରି ଫେରାରଥିବା ଅଭିଯୁକ୍ତଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ରାକେଶ ଦାସ ଓରଫ୍ ମୃଷା। ଗତ ମାସ ୨୮ ତାରିଖରେ ଅଙ୍ଗନୱାଡି କର୍ମୀ ତିଳୋତ୍ତମା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାକେଶ ତାଙ୍କୁ ପଛପଟୁ ଠେଙ୍ଗା ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ତେବେ ଜୀବନ ବଞ୍ଚାଇବା ପାଇଁ ତିଳୋତ୍ତମା ଅଙ୍ଗନୱାଡି କେନ୍ଦ୍ରକୁ ପସି ଆସିଥିଲେ। ଏହି ସମୟରେ ଆକ୍ରମଣକାରୀ ଯୁବକ ଜଣକ ଫେରାର ହୋଇଯାଇଥିଲେ। ଆକ୍ରମଣରେ ଗୁରୁତର ତିଳୋତ୍ତମାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ତିଳୋତ୍ତମାଙ୍କ ସ୍ୱାମୀ କାର୍ତ୍ତିକ ବେହେରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୩୭୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତ ଫେରାର ଥିବାରୁ ପୋଲିସ ତାଙ୍କୁ ଗିରଫ କରିବାରେ ବିଫଳ ହୋଇଥିଲା। ଏହାପରେ ରାଜ୍ୟ ଅଙ୍ଗନୱାଡି ସଂଘ ସଭାପତି ନନ୍ଦିନୀ ପଣ୍ଡାଙ୍କ ନେତୃତ୍ୱରେ ଧର୍ମଶାଳା ବ୍ଲକ ଅଙ୍ଗନୱାଡି କର୍ମଚାରୀ ସଂଘ କର୍ମକର୍ତ୍ତା ଥାନା ଅଧିକାରୀଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଅଭିଯୁକ୍ତ ପାଣିକୋଇଲି ଅଞ୍ଚଳରେ ଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

### ସ୍ୱାମୀଙ୍କୁ ନ ପାଇ ହଙ୍ଗାମା କଲେ ସ୍ତ୍ରୀ

ବାରଙ୍ଗ,୨।୭(ଡି.ଏନ୍.ଏ.): ସ୍ୱାମୀଙ୍କୁ ନ ପାଇ ତ୍ରିଶୂଳିଆ ବିଦ୍ୟୁତ୍ ସବ୍‌ଷ୍ଟେଶନର କଣ୍ଟ୍ରୋଲ ରୁମ୍‌କୁ ଶନିବାର ସନ୍ଧ୍ୟାରେ ଜଣେ ମହିଳା ଆସି ତାଲା ପକାଇ ହଙ୍ଗାମା କରିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଘଟଣାସ୍ଥଳରୁ ଯୁବତୀଙ୍କୁ ଥାନାକୁ ଆଣି ଅଟକ ରଖିଛି। ଏହି ଘଟଣା ଏବେ ବାରଙ୍ଗ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମହିଳାଙ୍କ କହିବା ଅନୁଯାୟୀ, ତାଙ୍କ ସ୍ୱାମୀ ଜଣେ ଠିକାଦାର ଅଧୀନରେ ତ୍ରିଶୂଳିଆ ବିଦ୍ୟୁତ୍ ସବ୍‌ଷ୍ଟେଶନରେ କାମ କରୁଥିଲେ। ଗତ କିଛିଦିନ ହେବ ତାଙ୍କ ସ୍ୱାମୀଙ୍କ ସହ କୌଣସି ଯୋଗାଯୋଗ ହୋଇ ନ ଥିବା ବେଳେ ଘରକୁ ମଧ ଫେରି ନ ଥିଲେ। ବହୁ ଖୋଜାଖୋଜି କରି ନ ପାଇ ଶେଷରେ ତାଙ୍କ ପାଇଁ କାର୍ଯ୍ୟ କରୁଥିବା ତ୍ରିଶୂଳିଆ ସବ୍‌ଷ୍ଟେଶନରେ ଅନ୍ୟ କର୍ମଚାରୀମାନଙ୍କୁ ପଚରାଉଚରା କରିଥିଲେ। ହେଲେ କେହି ବି ତାଙ୍କ ସ୍ୱାମୀଙ୍କ ବିଷୟରେ କୌଣସି ସୂଚନା ଦେଇପାରି ନଥିଲେ। ଫଳରେ ମହିଳା ଜଣକ ରାଗିଯାଇ ସବ୍‌ଷ୍ଟେଶନରେ ତାଲା ପକାଇ ପାଟି କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାରଙ୍ଗ ଥାନା ପୋଲିସ ଆସି ମହିଳାଙ୍କୁ ଥାନାକୁ ନେଇଛି।

# କାମରେ ଲାଗୁନି ସମ୍ପଦ କେନ୍ଦ୍ର

ଯାଜପୁର ରୋଡ୍, ୨।୭ (ଡି.ଏନ.ଏ.)

ଯାଜପୁର ଜିଲା ବ୍ୟାସନଗର ପୌର ପାଳିକାର ସମ୍ପଦ କେନ୍ଦ୍ର (ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର) କାମରେ ଲାଗୁନାହିଁ। ସହରରୁ ସଂଗୃହିତ ବର୍ଜ୍ୟବସ୍ତୁ ବ୍ୟାସ ସରୋବର ନିକଟସ୍ଥ ରେଲୱେ ଲାଇନ କଡ଼ ଏବଂ ବନୀକରଣ ଅଞ୍ଚଳରେ ପାହାଡ ଭଳି ଗଦା ହୋଇଛି। ଫଳରେ ପର୍ଯ୍ୟଟନସ୍ଥଳୀ ବ୍ୟାସ ସରୋବର ଅଞ୍ଚଳ ପରିସର ଦେଇ ଚଳାଚଳ କରୁଥିବା ଲୋକଙ୍କ ନାକ ଫାଟି ପଡୁଛି। ଏଥିରେ ପୌରପାଳିକା କର୍ତ୍ତୃପକ୍ଷ କେବଳ ପରିମଳ ସେବାରେ ବ୍ୟତିକ୍ରମ କରୁନାହାନ୍ତି, ବରଂ ଆପରାଧିକ କାର୍ଯ୍ୟ କରୁଛନ୍ତି ବୋଲି ମତପ୍ରକାଶ ପାଇଛି।

ସହରର ପରିଷ୍କାର ପରିଚ୍ଛନ୍ନତା ସ୍ୱାୟତ୍ତ ଶାସନ ସଂସ୍ଥାର ପ୍ରାଥମିକ ଓ ମୌଳିକ ଦାୟିତ୍ୱ ବୋଲି ନଗର ବିଜ୍ଞାନ ପାଠ କହୁଛି। କିନ୍ତୁ ଏହା ବ୍ୟାସନଗର କ୍ଷେତ୍ରରେ ମୂଲ୍ୟହୀନ ହୋଇଛି। ପୌରସଂସ୍ଥା ଦ୍ୱାରା ନିଯୁକ୍ତ ଏକ ଘରୋଇ ଠିକାସଂସ୍ଥା ପରିମଳ ଦାୟିତ୍ୱ ନିର୍ବାହରେ ଦିଗହରା ହୋଇଛି। ଏହି ଠିକାସଂସ୍ଥାକୁ ମାସିକ ପ୍ରାୟ ୨୦ ରୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ହେଲେ ଆବଶ୍ୟକ ଶ୍ରମିକ ନିୟୋଜନ କରାଯାଉ ନ ଥିବାରୁ ସହର ପରିମଳ ବିପର୍ଯ୍ୟସ୍ତ ହେଉଥିବା ଅଭିଯୋଗ ହୋଇଆସୁଛି। ଏତେ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିଲେ ହେଁ ସହରର ବିଭିନ୍ନ ଅଞ୍ଚଳ ଦୁର୍ଗନ୍ଧରେ କମ୍ପୁଛି, ଯାହାକି ବ୍ୟାସ ସରୋବର ରାସ୍ତାରେ କୁଢ଼ କୁଢ଼ ଆବର୍ଜନା ଜମା ହୋଇଥିବା ଦେଖିବାକୁ ମିଳୁଛି। ଏହି ସମସ୍ୟାର ସମାଧାନ ପାଇଁ ନିବେଦନ କରି ସହରବାସୀ ନୟାନ୍ତ ହୋଇ ସାରିଛନ୍ତି। କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାବେଳେ ପରିବେଶକୁ ସଜାଡ଼ିବାକୁ


ବ୍ୟାସନଗର ନିକଟରେ ପାହାଡ଼ ଭଳି ଗଦା ହୋଇଛି ଆବର୍ଜନା।

**ବ୍ୟାସନଗର ପୌର ପରିଷଦ**
■ ପାହାଡ଼ ଭଳି ଗଦା ହେଉଛି ଆବର୍ଜନା

କାଉନସିଲରମାନଙ୍କ ଭୂମିକା ମଧ କିଛି ରହୁନାହିଁ। ପରିସ୍ଥିତି ଏପରି ହୋଇଛି ଯେ, ସହରର ସବୁଆଡ଼େ ଗଦା ଗଦା ମଇଳା ଆବର୍ଜନା। ମଶାମରା ତେଲ ଆବଶ୍ୟକ ଅନୁଯାୟୀ ବ୍ୟବହାର ହେଉନାହିଁ। ଫଳରେ ସହରରେ ମଶାମାଛିଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ୨୦୨୦ରେ ବ୍ୟାସ ସରୋବର ନିକଟରେ ସମ୍ପଦ କେନ୍ଦ୍ର ନିର୍ମାଣ କରାଯାଇ ବର୍ଜ୍ୟବସ୍ତୁ ପରିଚାଳନା କରାଯାଉଛି। କିନ୍ତୁ ସମ୍ପଦ କେନ୍ଦ୍ର ପରିସରର ମଇଳା ଆବର୍ଜନା ଗଦା କରିବା ପରିବର୍ତ୍ତେ ବାହାରେ ଏହାକୁ ଠୁଳ କରାଯାଉଛି। ଯଦ୍ୱାରା ଆଖପାଖ ଅଞ୍ଚଳ ପ୍ରଦୂଷିତ ହେଉଥିବା ସହ ଟ୍ରେନରେ ଯାଉଥିବା ଲୋକଙ୍କ ମଧ୍ୟରେ ନକାରାତ୍ମକ ଭାବନା ସୃଷ୍ଟି କରୁଛି। ଏଥିରେ ଉଭୟ ପ୍ରାଣୀ ଓ ଉଦ୍ଭିଦ ପ୍ରଭାବିତ ହେଉଛନ୍ତି। ସନ୍ତସନ୍ତିଆ ଜାଗା, ପଚାଶଢ଼ା ଓ ଅଳିଆ ଆବର୍ଜନା ମଶାଙ୍କ ଲାଗି ଭୂସ୍ୱର୍ଗ ହୋଇଛି। ପ୍ଲାଷ୍ଟିକ ଜାଗାରେ ଥିବା ଦୂଷିତ ପାଣିରେ ଏଡିସ ମଶା ସଂଖ୍ୟା ବୃଦ୍ଧି ହୋଇଥାଏ। ତେଣୁ ସହରବାସୀଙ୍କ ଡେଙ୍ଗୁ ଜ୍ୱରରେ ପୀଡ଼ିତ ହେବା ଆଶଙ୍କା ବଢ଼ିଯାଉଛି। ଏଭଳିସ୍ଥଳେ ପ୍ରଶାସନ ଜାଣିଶୁଣି ଚୁପ୍ ହୋଇ ବସି ରହି ସହରବାସୀଙ୍କ ଜୀବନ ପ୍ରତି ଖେଳ ଖେଳୁଛି। ସେହିପରି ପାଥୋଲାବ୍‌ଗୁଡ଼ିକରେ ବ୍ୟବହୃତ ଛୁଞ୍ଚି, ସାଲାଇନ, ଗ୍ଲୋବ୍ସ ଆଦି ଏଠାରେ ଫିଙ୍ଗି ଦିଆଯାଉଛି। ମନମୁଖି ଭାବେ ବର୍ଜ୍ୟବସ୍ତୁ ପରିଚାଳନା କରାଯାଉଥିବାରୁ ରୋଗ ସଂକ୍ରମଣର ଯଥେଷ୍ଟ ଆଶଙ୍କା ରହୁଛି। ଏ ସଂକ୍ରାନ୍ତରେ ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ସମ୍ପଦ କେନ୍ଦ୍ର ବାହାରେ ମଇଳା ଆବର୍ଜନା ଗଦା ହେଉଥିବା ନେଇ ସେ ତଦନ୍ତ କରିବେ। ଏହାର ଖୁବଶୀଘ୍ର ସମାଧାନ ବାଟ ବାହାର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଦିନେଶ ମଲ୍ଲିକଙ୍କୁ ସାରଳା ଦାସ ସମ୍ମାନ



ଦିନେଶ ମଲ୍ଲିକଙ୍କୁ ସାରଳା ଦାସ ସମ୍ମାନରେ ସମ୍ମାନିତ କରାଯାଉଛି।

ସିଂହପୁର,୨।୭(ଡି.ଏନ.ଏ.)

ଭୁବନେଶ୍ୱର ଭଞ୍ଜକଳା ମଣ୍ଡପ ପରିସରରେ ସାରଳା ପ୍ରଡକ୍ସନ ନିବେଦିତ ୨୩ତମ ଆଦିକନ୍ଦ ସାରଳା ଦାସ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଛନ୍ଦାମୁଣ୍ଡ ଗ୍ରାମର ସଂଗୀତ ନିର୍ଦ୍ଦେଶକ ଦିନେଶ ମଲିକଙ୍କୁ ସାରଳା ଦାସ ସମ୍ମାନରେ ସମ୍ମାନିତ କରାଯାଇଛି। ଉତ୍ସବରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ଟେଲିଫିଲ୍ମ ଓ ଧାରାବାହିକର ଅଧକ୍ଷ ଡ. ଶୈଳେନ୍ଦ୍ରର ନନ୍ଦ, ଡିଆଇଜି ସତ୍ୟଜିତ ନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶୋକ ମଲିକ, ଚଳଚ୍ଚିତ୍ର ନାୟକ ଶୁଭାଶିଷ ଶର୍ମା, ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଦିନେଶ ଏହି ସମ୍ମାନରେ ସମ୍ମାନିତ ହେବାପରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଅକ୍ଷୟ ମଲିକ, ଖବରଦାତା ହରିହର ସ୍ୱାଇଁ ଓ ମନ୍ତ୍ରୀ ପ୍ରମିଳା ମଲିକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୧୧୨ ବସ୍ତା କାଠ କୋଇଲା ଜବତ


ଜବତ ହୋଇଥିବା କାଠ କୋଇଲା ବୋଝେଇ ଗାଡ଼ି।

ଚଣ୍ଡିଖୋଲ,୨।୭(ଡି.ଏନ.ଏ.)

ଡାଳିଯୋଡ଼ା ବୈରୀ ବନ ବିଭାଗ ଉପଖଣ୍ଡ, ସ୍ପେଶାଲ ସ୍କ୍ୱାଡ୍ ଓ ବାଲିଚନ୍ଦ୍ରପୁର ପୋଲିସର ମିଳିତ ଚଢ଼ାଉ ଫଳରେ ୧୧୨ବସ୍ତା କାଠ କୋଇଲା ଶନିବାର ଜବତ ହୋଇଛି। ବଡ଼ଚଣା ବ୍ଲକ ଭରତପୁର ପଞ୍ଚାୟତ ପଣସୁଧାଠାରେ ଏକ ଗଛ ମୂଳେ ଉକ୍ତ କାଠ କୋଇଲା ଲୁଚାଇ ରଖାଯାଇଥିବା ଖବର ପାଇ ବନବିଭାଗ ଚଢ଼ାଉ କରିଥିଲା। ବନପାଳ ଶଶିକାନ୍ତ ବେହେରାଙ୍କ ନେତୃତ୍ୱରେ କଟକ ବନ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ଚଢ଼ାଉ କରି ସାମଗ୍ରୀକୁ ଜବତ କରି ଚଣ୍ଡିଖୋଲସ୍ଥିତ କାର୍ଯ୍ୟାଳୟକୁ ଆଣିଥିଲା। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

ବନପାଳ ବେହେରାଙ୍କ କହିବା ଅନୁଯାୟୀ, ପଣସୁଧାଠାରେ କଂସା ବାସନ କାରଖାନା ଥିବାରୁ କେତେଜଣ ଚୋରା ବେପାରୀ ଏଠାରେ କାଠ କୋଇଲା ଆଣି ଗଚ୍ଛିତ ରଖିଥିଲେ। ସେମାନେ କେନ୍ଦୁଝର ଅଞ୍ଚଳରେ ଥିବା ଜଙ୍ଗଲ ମଧ୍ୟରେ ବଡ଼ବଡ଼ ଗଛ କାଟି ଏହାକୁ ନିଆଁ ଲଗେଇ ଜାଳି ଦିଅନ୍ତି। ଏଥିରୁ ପ୍ରସ୍ତୁତ ହୋଇଥାଏ କାଠ କୋଇଲା। ସେହି କୋଇଲାକୁ ଆଣି କଂସା ବାସନ ତିଆରି କାରଖାନାରେ ବ୍ୟବହାର କରିଥାଆନ୍ତି।

# ମୁଣ୍ଡୁଳି ବ୍ରିଜ୍‌ରୁ ଯୁବକ ନିଖୋଜ, ବୁଲେଟ୍ ଜବତ

ବାରଙ୍ଗ,୨।୭(ଡି.ଏନ୍.ଏ.)

କଟକ ମୁଣ୍ଡୁଳି ବ୍ୟାରେଜର ଶେଷ ଆଡ଼କୁ ଶୁକ୍ରବାର ସନ୍ଧ୍ୟାରୁ ଏକ ବୁଲେଟ ରଖାଯାଇଥିଲା। ଶନିବାର ସକାଳ ଯାଏ ସେଭଳି ଥିବା ସ୍ଥାନୀୟ ଲୋକ ଦେଖିଥିଲେ। ପରେ ଆଠଗଡ଼ ପୋଲିସ ପହଞ୍ଚି ବୁଲେଟ୍‌କୁ ଜବତ କରି ତଦନ୍ତ ଚଳାଇଛି। ତେବେ ଗାଡି ରଖିଥିବା ଯୁବକ ଜଣଙ୍କ ଆତ୍ମହତ୍ୟା କିମ୍ବା ନିଖୋଜ ହୋଇଛନ୍ତି, ତାହାକୁ ନେଇ ସାଧାରଣରେ ନାନା ସନ୍ଦେହ ସୃଷ୍ଟି କରିଛି। ଶୁକ୍ରବାର ରାତିରେ ବୁଲେଟରେ ଜଣେ ଯୁବକ ଆସି ବ୍ୟାରେଜ ଉପରେ ବୁଲାବୁଲି କରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏପରି କି ବିଳମ୍ବିତ ରାତିରେ କେହି ଜଣେ ପାଣିକୁ ଡେଇଁ ପଡିବାର ଶବ୍ଦ ଶୁଣିବାକୁ ପାଇଥିବା ନେଇ ଶନିବାର ସକାଳେ ଚର୍ଚ୍ଚା ଜୋର ଧରିଥିଲା। ପୋଲିସ ଆସି ଗାଡ଼ିରେ ଥିବା କାଗଜପତ୍ର ଯାଞ୍ଚ କରିବା ପରେ ତାହା ଏକ ବ୍ୟାଙ୍କର କର୍ମଚାରୀ ପ୍ରସନ୍ନଜିତ ମହାନ୍ତିଙ୍କ ହୋଇଥିବାବେଳେ ସେ ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଜଣାପଡିଛି।

# ଦୁର୍ଘଟଣାରେ ଜଣେ ମୃତ, ୯ ଗୁରୁତର

ମଙ୍ଗୁଳି,୨।୭(ଡି.ଏନ୍.ଏ.)

୧୬ ନମ୍ବର ଜାତୀୟ ରାଜପଥର ମଙ୍ଗୁଳିଛକ ନିକଟ ଏଚ୍‌ପି ପେଟ୍ରୋଲ ପମ୍ପ ସମ୍ମୁଖରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଗାଡି ଧକ୍କାରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୯ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନ ଥିବାବେଳେ ଘର ଯାଜପୁର ଜିଲାରେ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଏକ ବୋଲେରୋ (ନଂ. ଓଆର୍‌୦୫ଏଆର୍-୩୦୬୯)ରେ ଚାଳକଙ୍କୁ ମିଶାଇ ୧୦ ଜଣ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାଇଥିଲେ। ସେଠାରୁ ସେମାନେ ଉକ୍ତ ବୋଲେରୋରେ ଘରକୁ ଫେରୁଥିବାବେଳେ ରାତି ପ୍ରାୟ ୩ଟା ୧୫ ମିନିଟ୍‌ରେ କଟକ ପଟୁ ଚଣ୍ଡିଖୋଲ ଆଡକୁ ଦ୍ରୁତଗତିରେ ଆସୁଥିବା ଏକ ଗାଡି ପଛରୁ ଧକ୍କା ଦେଇଥିଲା। ଫଳରେ ବୋଲେରୋଟି ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଟ୍ରକ୍‌ରେ ପିଟି ହୋଇଯାଇଥିଲା। ଏଥିରେ ଜଣେ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ଗୁରୁତର ହୋଇଥିଲେ। ଏହାପରେ ଦୁର୍ଘଟଣା ଘଟାଇଥିବା ଗାଡି ଫେରାର ହୋଇଯାଇଛି। ଖବରପାଇ ଟାଙ୍ଗୀ ହାଇୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି। ସେହିପରି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଥିଲା।

# ହକି ଖେଳାଳି ନାମ୍‌ସି ଜାରିକାଙ୍କୁ ସମ୍ବର୍ଦ୍ଧନା

କଳିଙ୍ଗନଗର, ୨।୭ (ଡି.ଏନ.ଏ.)

ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍(ଟିଏସ୍ଏଫ୍) ପକ୍ଷରୁ ଓଡ଼ିଶା ରାଜ୍ୟ କନିଷ୍ଠ ହକି ଟିମ୍‌ର ଅଧିନାୟିକା ନାମ୍‌ସି ଜାରିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସେବା ମୁଖ୍ୟ ଦେବଦୂତ ମହାନ୍ତି ଓ ଟିଏସ୍ଏଫ୍ କଳିଙ୍ଗନଗରର ମୁଖ୍ୟ ଆଲେନ ଯୋସେଫ୍‌ଙ୍କ ସହିତ ଟାଟା ଷ୍ଟିଲ୍ ଓ ଟିଏସ୍ଏଫ୍‌ର ଅନ୍ୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କଳିଙ୍ଗନଗରରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ଚଳାଉଥିବା ବିଭିନ୍ନ ପ୍ରଶିକ୍ଷଣ କେନ୍ଦ୍ରର ପ୍ରାୟ ୫୦ଜଣ ଖେଳାଳି ଓ ୬ ଜଣ କୋଚ୍ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସେବା ମୁଖ୍ୟ ମହାନ୍ତି ନାମ୍‌ସି ଓ ଅନ୍ୟ ଉଦୀୟମାନ କ୍ରୀଡ଼ା ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଥିଲେ। ଉଦୀୟମାନ ଖେଳାଳିଙ୍କ ସହ ଏହି ସ୍ଥାନରେ ପହଞ୍ଚିବା ଲାଗି ନାମ୍‌ସି ନିଜ ସଂଘର୍ଷ ଓ କଠିନ ପରିଶ୍ରମର କାହାଣୀ ବର୍ଣ୍ଣନା କରିଥିଲେ। ତେବେ ଏହି ସ୍ତରରେ ପହଞ୍ଚିବା ଲାଗି ତାଙ୍କୁ ସହାୟତା ପ୍ରଦାନ କରିଥିବାରୁ ସେ ଏହାର ଶ୍ରେୟ ନିଜ ପରିବାର ଓ ନାଭାଲ୍ ଟାଟା ହକି ଏକାଡେମୀର କୋଚ୍‌ଙ୍କୁ ଦେଇଛନ୍ତି। ଏବେ ସେ ଜାତୀୟ ହକି ଟିମ୍‌ରେ ପ୍ରବେଶ କରିବା ଲାଗି କଠିନ ପରିଶ୍ରମ କରୁଥିବା କହିଛନ୍ତି। ପ୍ରକାଶଯେ, ନିକଟରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ୨୦୨୨ରେ ନାମିସ ରୌପ୍ୟପଦକ ହାସଲ କରିଛନ୍ତି।



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନାମିସ୍ ଜାରିକାଙ୍କ ସହ ଅନ୍ୟମାନେ ଉପସ୍ଥିତ।

# ପୁରୀରେ ୧୫୦ ସ୍ୱେଚ୍ଛାସେବୀଙ୍କ ସେବାକାର୍ଯ୍ୟ

ଚଣ୍ଡିଖୋଲ,୨।୭(ଡି.ଏନ.ଏ.)

ଘୋଷଯାତ୍ରା ଅବସରରେ ବଡ଼ଚଣାସ୍ଥିତ ମହାବାହୁ ଗ୍ରୁପ୍ ଅଫ୍ ଓଡ଼ିଶା ପକ୍ଷରୁ ପୁରୀ ବଡ଼ଦାଣ୍ଡରେ ୧୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସେବା କାର୍ଯ୍ୟ କରିଛନ୍ତି। ସେମାନେ ବଡ଼ଦାଣ୍ଡରେ ଭକ୍ତ ଓ ଯାତ୍ରୀଙ୍କୁ ସକାଳେ ଜଳଖିଆ ଓ ମଧାହ୍ନରେ ନିଃଶୁଳ୍କ ଭୋଜନ ବିତରଣ କରିଥିଲେ। ଯାତ୍ରୀଙ୍କ ସୁବିଧା ପାଇଁ ପ୍ରାଥମିକ ଚିକିତ୍ସା ଶିବିର ଆୟୋଜନ ସହ ତୃଷା ନିବାରଣ ପାଇଁ ଲେମ୍ବୁ ପାଣି ଓ ଦହି ସରବତ ବଣ୍ଟନ କରାଯାଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ମାନବଶୃଙ୍ଖଳ କରାଯାଇ ଆମ୍ବୁଲାନ୍ସ ସେବା କାର୍ଯ୍ୟକାରୀ କରାଯାଇଥିଲା। ରୌଦ୍ରତାପରୁ ଯାତ୍ରୀଙ୍କୁ ରକ୍ଷା ପାଇଁ ଜଳ ସିଞ୍ଚନ ବ୍ୟବସ୍ଥା କରାଯାଇଥିଲା। ଗ୍ରୁପର ସଦସ୍ୟମାନେ ସଫଳତାର ସହ କାର୍ଯ୍ୟକରି ଶନିବାର ଫେରି ଆସିଛନ୍ତି। ତେବେ ବାହୁଡ଼ା ଯାତ୍ରାରେ କେନ୍ଦ୍ରାପଡ଼ାସ୍ଥିତ ବଳଦେବ ଜୀଉଙ୍କ ତୁଳସୀ କ୍ଷେତ୍ରରେ ସେବା କାର୍ଯ୍ୟ କରାଯିବ ବୋଲି ଗ୍ରୁପ ପ୍ରତିଷ୍ଠାତା ଶିବ ପ୍ରସାଦ ସାମଲ ସୂଚନା ଦେଇଛନ୍ତି।


ସେବା କାର୍ଯ୍ୟରେ ନିୟୋଜିତ ହୋଇଥିବା ସ୍ୱେଚ୍ଛାସେବୀମାନେ।

# ମାଉସୀ ମା’ ଘରକୁ ଗଲେ ୩ ଠାକୁର


ଭକ୍ତମାନେ ୩ ରଥକୁ ଟାଣି ମାଉସୀ ମା’ ମନ୍ଦିର ଅଭିମୁଖେ ନେଉଛନ୍ତି।

ଯାଜପୁର ଟାଉନ,୨।୭(ଡି.ଏନ.ଏ.)

ଯାଜପୁର ସହରର ଜଗନ୍ନାଥ ମନ୍ଦିର ବହୁ ପୁରାତନ। ଏଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ତିନି ରଥରେ ମାଉସୀ ମା’ ମନ୍ଦିରକୁ ନିଆଯାଇଥାଏ। ରଥଯାତ୍ରା ଦିନ ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇ ପରଦିନ ରଥଟଣା ହୋଇଥାଏ। ଚଳିତ ବର୍ଷ ପ୍ରଥମ ଥରକରି ମହିଳାମାନେ ସୁଭଦ୍ରା ରଥକୁ ଟାଣି ମାଉସୀ ମା’ ମନ୍ଦିରରେ ପହଞ୍ଚାଇଛନ୍ତି। ଶନିବାର ପୂର୍ବାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ବର୍ଷା ସତ୍ତ୍ୱେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ରଥଟଣା କାର୍ଯ୍ୟକୁ ସମାପନ କରିଥିଲେ। ପ୍ରାତଃ ସମୟରୁ ରଥରେ ମଙ୍ଗଳ ଆଳତି କରାଯାଇ ଥିଲା। ପରେ ରୀତିନୀତି ଅନୁସାରେ ପୂଜାବିଧି କାର୍ଯ୍ୟ ପରେ ରଥଟଣା ହୋଇଥିଲା।

**ପ୍ରଥମ ଥର ମହିଳା ଟାଣିଲେ ସୁଭଦ୍ରାଙ୍କ ରଥ**

ରାଧେରାଧେ ସଂଘ, ସତ୍ୟସାଇ ସେବାସଂଘ ଓ ବୈଦ୍ୟରାଜପୁର ଘଣ୍ଟବାଦକ ସଂଘର ସଦସ୍ୟ ଯୋଗଦେଇ କୀର୍ତ୍ତନ, ଭଜନ ଓ ଘଣ୍ଟବାଦ୍ୟ ପରିବେଷଣ କରିଥିଲେ। ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତାଙ୍କ ନେତୃତ୍ୱରେ କାଉନସିଲର ହେମାଙ୍ଗିନୀ ମହାନ୍ତି, ସରିତା ଖୁଣ୍ଟିଆ, ରେଣୁବାଳା ସାମନ୍ତ, ମାମିନା ତରାଇ, ରୁନା ବେହେରା, ମୀନାକ୍ଷୀ ନନ୍ଦ, ତିଳୋତ୍ତମା ରାୟଙ୍କ ସମେତ ଶହ ଶହ ସ୍ଥାନୀୟ ମହିଳା ଯୋଗଦେଇ ମା’ ସୁଭଦ୍ରା ରଥ ଟାଣିଥିଲେ। ରଥଟଣା କାର୍ଯ୍ୟକ୍ରମ ଯାଜପୁର ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ରଥଯାତ୍ରା ଦେଖିବା ପାଇଁ ବର୍ଷା ସତ୍ତ୍ୱେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସନ୍ଧ୍ୟାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ଥାନୀୟ ସଦାବ୍ରତ ମଠ ମାଉସୀ ମା’ମନ୍ଦିରକୁ ପହଣ୍ଡିରେ ନିଆଯାଇଥିଲା। ୮ ଦିନ ଧରି ମାଉସୀ ମା’ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତି ରହିବେ। ଏହି ସମୟରେ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର କାର୍ଯ୍ୟସୂଚୀ ରହିଛି।

# ୫୦ ମିଟର ଗଡ଼ିଲା ବ୍ରହ୍ମ ତାଳଧ୍ୱଜ


ଶ୍ରଦ୍ଧାଳୁମାନେ ବ୍ରହ୍ମ ତାଳଧ୍ୱଜ ରଥକୁ ଟାଣି ନେଉଛନ୍ତି ।

■ ତୁଳସୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ
■ ଆଜି ସକାଳ ୮ରେ ରଥଟଣା



କେନ୍ଦ୍ରାପଡ଼ା ଅଫିସ,୨୭

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଦ୍ୱିତୀୟ ଦିନ ଅର୍ଥାତ୍ ଶନିବାର ସନ୍ଧ୍ୟା ସୁଦ୍ଧା ଇଚ୍ଛାପୁରସ୍ଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ପାରିନାହିଁ। ମାତ୍ର ୫୦ ମିଟର ଗଡିବା ପରେ ବାମକଡକୁ ମାଡି ଅଟକି ରହିଛି । ରବିବାର ସକାଳ ୮ରେ ରଥ ଟଣା ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଦେବୋତ୍ତର କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ସନ୍ଧ୍ୟାରୁ ଅଟକି ରହିଥିବା ବ୍ରହ୍ମ ତାଳଧ୍ୱଜ ରଥକୁ ଶନିବାର ଅପରାହ୍ନ ୨ଟାରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତିମୟ ପରିବେଶ ସାଙ୍ଗକୁ ଭଜନ, ସଂକୀର୍ତ୍ତନ, ଖୋଳ, କରତାଳ, ଝାଞ୍ଜ, ମୃଦଙ୍ଗ, ତୁରୀ, ଭେରୀ, ହୁଳହୁଳି, ହରିବୋଲ ଧ୍ୱନି ମଧ୍ୟରେ ରଥଟଣା ହୋଇଥିଲା। ନବଦିନାତ୍ମକ ଏହି ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଇଥିଲେ। ଶୃଙ୍ଖଳିତ ଭାବେ ରଥଟଣା ପାଇଁ ମନ୍ଦିର ଓ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବଳୟ ସୃଷ୍ଟି କରାଯାଇଥିଲା । ଏସ୍‌ପି ମଡକର ସନ୍ଦିପ ସମ୍ପଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏଏସ୍‌ପି, ୨ ଡିଏସ୍‌ପି, କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ୮ ଇନ୍ସପେକ୍ଟର, ୧୪ ଏସ୍‌ଆଇ, ୩୪ ଏଏସ୍‌ଆଇ, ୬୬ ହାବିଲଦାର, ୫୯ ମହିଳା କନେଷ୍ଟବଳ, ୧୪୪ ଜଣ ହୋମଗାର୍ଡଙ୍କ ସହ ୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଅପରପକ୍ଷେ ରଥ ଉପରେ ବିରାଜିତ ଶ୍ରୀଜୀଉଙ୍କ ନୀତିକାନ୍ତି ପ୍ରତ୍ୟୁଷରୁ ଆରମ୍ଭ ହୋଇଥିଲା। ରଥାରୁଢ଼ ବିଗ୍ରହଙ୍କ ସପ୍ତଫେଣୀ ବେଶ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଦମକଳ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ଜଳ ଓ ପରିମଳ ବିଭାଗ, ପୂର୍ତ୍ତ ବିଭାଗର ଅଧିକାରୀଙ୍କ ତତ୍ତ୍ୱାବଧାନରେ ସେବା କାର୍ଯ୍ୟ ହୋଇଥିଲା। ଜିଲାପାଳ ଅମୃତ ଋତୁରାଜ, ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ଦୁର୍ଗା ପ୍ରସାଦ ମହାରଣା, ଉପଜିଲାପାଳ ତଥା ଟ୍ରଷ୍ଟ ଅଧ୍ୟକ୍ଷ ନିରଞ୍ଜନ ବେହେରା, ଦେବୋତ୍ତର ସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ପ୍ରମୁଖ ପ୍ରଶାସନିକ ତଦାରଖ କରିଥିଲେ। ଏହି ରଥଟଣା କାର୍ଯ୍ୟକୁ ଟ୍ରଷ୍ଟ ବୋର୍ଡର ସଦସ୍ୟଙ୍କ ସମେତ ପୂର୍ବତନ ପୌରାଧ୍ୟକ୍ଷ ଧିରେନ ସାହୁ, ପୌରାଧ୍ୟକ୍ଷା ସରିତା ସାହୁ, କାଉନସିଲର କାଳୀପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ରଥ ଟଣା ସମ୍ପର୍କରେ ଟ୍ରଷ୍ଟ ଅଧ୍ୟକ୍ଷ ତଥା ଉପଜିଲାପାଳ ବେହେରା କହିଛନ୍ତି, କୌଣସି କାରଣରୁ ରଥଟି ବାମ ଆଡକୁ ମାଡିଯାଇଛି। ରାସ୍ତା କଡରେ ଥିବା ଫୁଟପାଥରେ ରଥଟି ଲାଗିଯାଇଥିବାରୁ ତାହାକୁ ସମତଳ କରିବା ପରେ ରଥଟଣା ହେବ।

## ସଂକ୍ଷେପରେ

### ବାହାଘରକୁ ଆସିଥିବା ଦମ୍ପତିଙ୍କୁ ଆକ୍ରମଣ
#### ଉଭୟେ ଡାକ୍ତରଖାନାରେ ଭର୍ତ୍ତି

ରାଜନଗର,୨୭(ଡି.ଏନ.ଏ.): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିବାହ ଉତ୍ସବକୁ ଆସିଥିବା ଦମ୍ପତିଙ୍କୁ ଆକ୍ରମଣ କରାଯାଇଛି। ଉଭୟ ଆହତ ହୋଇଛନ୍ତି । ସେମାନଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଏ ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଏହି ଥାନାରେ ମାମଲା ରହିଛି। ଅଭିଯୋଗ ମୁତାବକ ରବିବାର ଈଶ୍ୱରପୁର ପଞ୍ଚାୟତ ଜୁନୁସନଗର ଗାଁର ଅମଳେଶ ମାନ୍ନାଙ୍କ ପୁଅର ବାହାଘର ଥିଲା । ଏଥିପାଇଁ ତାଙ୍କ ଘରକୁ ଝିଅ ଓ ଜ୍ୱାଇଁ ପ୍ରଦ୍ୟୁତ୍ କୁମାର ଡିଙ୍ଗଲ ଆସିଥିଲେ। ଶନିବାର ସକାଳେ କୌଣସି କାରଣ ନ ଥାଇ ପୂର୍ବ ଶତ୍ରୁତାକୁ ନେଇ ନିର୍ମାଲ୍ୟ କୁମାର ମାନ୍ନା ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ଦିଣ୍ଡା ପ୍ରଦ୍ୟୁତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ୱାମୀଙ୍କୁ ଆକ୍ରମଣ କରାଯାଉଥିବା ଦେଖି ସ୍ତ୍ରୀ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣକାରୀ ଛାଡ଼ି ନ ଥିଲେ । ଏହି ଆକ୍ରମଣରେ ପ୍ରଦ୍ୟୁତ୍ ଓ ତାଙ୍କ ସ୍ତ୍ରୀ ଆହତ ହୋଇଥିଲେ । ଏ ନେଇ ଥାନାରେ ଅଭିଯୋଗ କଲେ ଜୀବନରୁ ମାରି ଦେବେ ବୋଲି ନିର୍ମାଲ୍ୟ ଧମକ ଦେଇଥିବା ଅମଳେଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ସମବାୟ ନିର୍ବାଚନ, ବସନ୍ତ ହାତୀ ସଭାପତି

ରାଜନଗର,୨୭(ଡି.ଏନ.ଏ.):ରାଜନଗର ବ୍ଲକ ଗୋପାଳପୁର ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ନିର୍ବାଚନ ଶେଷ ହୋଇଛି। ଏହି ନିର୍ବାଚନ ପାଇଁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବରିଷ୍ଠ ଖବରଦାତା ବସନ୍ତ କୁମାର ହାତୀ ଓ ଯୁବନେତା ମାନସ କୁମାର ରାଉତଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ୧୫ଜଣ ନିର୍ଦ୍ଦେଶକ ଭୋଟଦାନ କରିଥିଲେ। ଭୋଟ ଗଣତିରେ ୩ଖଣ୍ଡ ଭୋଟ ରିଜେକ୍ଟ ହେବା ପରେ ବସନ୍ତଙ୍କୁ ୭ ଓ ମାନସଙ୍କୁ ୫ ଖଣ୍ଡ ଭୋଟ ମିଳିଥିଲା।

### କପିଳେଶ୍ୱର ସମବାୟ ସମିତିକ୍ଷରୁଗ ଚାରା ରୋପଣ



ଡେରାବିଶ,୨୭(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ହରିଅଙ୍କ ପଞ୍ଚାୟତରେ ଥିବା କପିଳେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଶନିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ନବନିର୍ବାଚିତ ସମିତି ସଭାପତି ସୁଧାଂଶୁ ଭୂଷଣ ସାମନ୍ତରାୟ, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ସମିତି ସମ୍ପାଦକ ମୃତ୍ୟୁଞ୍ଜୟ ଦାସଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତି ରହି ଚାରା ରୋପଣ କରିଥିଲେ ।

## ଦେସାହି ହତ୍ୟା ଘଟଣା, ଆଉ ଜଣେ ଗିରଫ

ଆଳି,୨୭(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଦେସାହି ଗ୍ରାମରେ ଗତ ଏପ୍ରିଲରେ ଜମିଜମା ବିବାଦରୁ ଘଟିଥିବା ହତ୍ୟା ଘଟଣାରେ ଆଳି ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ପଞ୍ଚୁ ମଲ୍ଲିକ। ତାଙ୍କୁ ଆଳି ଥାନା ପୋଲିସ ଶନିବାର ସକାଳେ ଭୁବନେଶ୍ୱର ଭିଏସ୍‌ଏସ୍ ନଗରରୁ ଗିରଫ କରିଛି । ତାଙ୍କୁ କୋର୍ଟଆଳିକୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଳି ଥାନା ଅଧିକାରୀ ଦିଲ୍ଲୀପ ସାହୁ ସୂଚନା ଦେଉଛନ୍ତି। ଗତ ଏପ୍ରିଲ ୩୦ରେ ଦେସାହି ଗ୍ରାମର ନମିତା ମଲ୍ଲିକଙ୍କ ପରିବାର ସହିତ ପଡୋଶୀ ପରିବାର ମଧ୍ୟରେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ସଂଘର୍ଷ ଘଟିଥିଲା । ଏହି ଘଟଣାରେ ପଡୋଶୀଙ୍କ ଆକ୍ରମଣରେ ନମିତାଙ୍କ ସ୍ୱାମୀ ସୁଧିର ମଲ୍ଲିକ, ଶ୍ୱଶୁର ନାରଣ ମଲ୍ଲିକ, ଦିଅର ସନିଆ ମଲ୍ଲିକ ଓ ସାନ ଶ୍ୱଶୁର ବିପିନ ମଲ୍ଲିକ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ଆହତମାନଙ୍କୁ ଆଳି ମେଡିକାଲ ଆଣିଥିଲେ। ଆଳି ମେଡିକାଲରେ ଡାକ୍ତର ବିପିନ ମଲ୍ଲିକଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଆଳି ପୋଲିସ ଏକ ମାମଲା (ନଂ.୧୫୨/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ଥିବା ପ୍ରଭାକର ମଲ୍ଲିକ,ପ୍ରଫୁଲ୍ଲ ମଲ୍ଲିକ ଓ ଅଶୋକ ମଲ୍ଲିକଙ୍କୁ ଆଳି ଥାନା ପୋଲିସ ଭୁବନେଶ୍ୱରରୁ ଗିରଫ କରିଥିଲା । ଶନିବାର ପଞ୍ଚୁଙ୍କୁ ଗିରଫ କରିଛି।

## ଭିତରକନିକା ହେନ୍ତାଳ ଦିବସ ପାଳିତ



ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ରାଜନଗର,୨୭(ଡି.ଏନ.ଏ.)

### ମ୍ୟାନଗ୍ରୁଭ ପ୍ଲାଣ୍ଟେଶନରେ ସାମିଲ ହେଲେ ଅଞ୍ଚଳବାସୀ, ଛାତ୍ରୀଛାତ୍ର

ହେନ୍ତାଳ ବା ଲୁଣା ଜଙ୍ଗଲ ଉପକୂଳ ଓଡ଼ିଶାର ସୁରକ୍ଷା କବଚ ସାଜିଛି। ମହାବାତ୍ୟା ହେଉ କି ବାତ୍ୟା ୟାସ , ଲୁଣା ଢେଉ କିମ୍ବା ସୁନାମୀ ପ୍ରାକୃତିକ ବିପର୍ଯ୍ୟୟରୁ ଉପକୂଳକୁ ରକ୍ଷା କରୁଛି। ନିକଟରେ ପ୍ରଳୟ ରଚିଥିବା ବାତ୍ୟା ୟାସ୍‌ର ପ୍ରକୋପରୁ ଲୁଣା ଜଙ୍ଗଲ ହିଁ ରାଜନଗରକୁ ରକ୍ଷା କରିଛି। ଆମ ରାଜ୍ୟରେ ୨୫୮.୫୯ ବର୍ଗ କି.ମି.ଲୁଣା ଜଙ୍ଗଲ ଥିବା ବେଳେ କେବଳ ଭିତରକନିକାରେ ୮୧ ପ୍ରତିଶତ ଲୁଣା ଜଙ୍ଗଲ ରହିଛି। ଲୁଣା ଜଙ୍ଗଲର ସୁରକ୍ଷା ଓ ଲୁଣା ଜଙ୍ଗଲ ବୃଦ୍ଧି ପାଇଁ ରାଜନଗର ବନ ବିଭାଗ ପକ୍ଷରୁ ଅଭିନବ ପଦକ୍ଷେପ ହାତକୁ ନିଆଯାଇଛି। ବନ ମହୋତ୍ସବ ସପ୍ତାହ ଅବସରରେ ଭିତରକନିକାର ଲୁଣା ଜଙ୍ଗଲ ସହିତ ଅଞ୍ଚଳର ସବୁ ବର୍ଗର ଲୋକଙ୍କୁ ସାମିଲ କରିବା ପାଇଁ ଜୁଲାଇ ୧ ତାରିଖରୁ ଭିତରକନିକା ହେନ୍ତାଳ ଦିବସ ରୂପେ ପାଳନ କରାଯାଇଛି। ପ୍ରଥମଥର ପାଇଁ ରାଜନଗର ବନବିଭାଗ ପକ୍ଷରୁ ଭିତରକନିକା ହେନ୍ତାଳ ଦିବସ ପାଳନ କରାଯାଇଛି।

ବନମହୋତ୍ସବ ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ଖାଲି ସ୍ଥାନରେ ଚାରା ରୋପଣ ହେଉଥିବା ବେଳେ ଲୋକମାନେ ନିଜ ବାଡିରେ ମଧ୍ୟ ଗଛ ଲଗାଉଛନ୍ତି । ମାତ୍ର ଭିତରକନିକା ହେନ୍ତାଳ ଦିବସ ପାଳନ ମାଧ୍ୟମରେ ଅଞ୍ଚଳରେ ମ୍ୟାନଗ୍ରୁଭ ପ୍ଲାଣ୍ଟେଶନ ଅଧିକରୁ ଅଧିକ କରିବା ଓ ଲୁଣା ଜଙ୍ଗଲର ସୁରକ୍ଷାରେ ସବୁବର୍ଗର ଲୋକଙ୍କୁ ସାମିଲ କରିବା ପାଇଁ ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ଏହି ନିଆରା ପଦକ୍ଷେପ ନେଇଛନ୍ତି। ପ୍ରଥମ ଭିତରକନିକା ହେନ୍ତାଳ ଦିବସ ଅବସରରେ ଡାଙ୍ଗମାଳ ପଞ୍ଚାୟତର ବୈତରଣୀ ନଦୀ କୂଳରେ ଥିବା ୭୫ ଏକର ବରାଡିଆ ପାଳ ନଦୀ ପଠାରେ ମ୍ୟାନଗ୍ରୁଭ ପ୍ଲାଣ୍ଟେଶନ ଆରମ୍ଭ କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତରକନିକା ହେନ୍ତାଳ ଦିବସ ପାଳନର ଆବଶ୍ୟକତା ରହିଛି। ଭିତରକନିକା ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ। ବିଧାୟକଙ୍କ ସହିତ ଡିଏଫ୍‌ଓ ଡ. ପତି, କେନ୍ଦ୍ରାପଡା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ଜିଲାପରିଷଦ ସଭ୍ୟା ଝୁକୁମିନା କୁଅଁର, ପଞ୍ଚାୟତ ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଡାଙ୍ଗମାଳ ସରପଞ୍ଚ ଦ୍ରୌପଦୀ ସେଠୀ, ସମିତିସଭ୍ୟ ଶ୍ରୀଚରଣ ବିଶ୍ୱାଳ, ଖମାରସାହି ସରପଂଚ ଅନୁସୂୟା ବିଶ୍ୱାଳ, ସମିତିସଭ୍ୟା ଶ୍ୟାମଳିନୀ ମାଇତି, କୃଷ୍ଣନଗର ସରପଂଚ ନନ୍ଦ ଦୁଲାଲ ପରିଡା ପ୍ରମୁଖ ଯୋଗଦେଇ ବୈତରଣୀ ପଠାରେ ରାଇ, ସିନ୍ଧୁକା, ବନ୍ଦରୀ, ବନୀ, କାଳିଆଚୁଆ, ଗରାଣୀ, ପାଣିଆମ୍ବ, ସୁନ୍ଦରୀ, ହବାଳି ପ୍ରଭୃତି ଲୁଣାଗଛ ଲଗାଇଥିଲେ।

## ଚକଡ଼ାରେ ଲାଗିଲା ଶ୍ରୀଦଧିବାମନଜୀଉଙ୍କ ରଥ

ଡେରାବିଶ,୨୭(ସ୍ୱ.ପ୍ର.)



ଡେରାବିଶର ଆରାଧ ଶ୍ରୀଦଧିବାମନଜୀଉଙ୍କ ରଥ ଶନିବାର ମାଉସୀମା' ମନ୍ଦିର ନିକଟରେ ଚକଡ଼ା ଲାଗିଛି। ଶୁକ୍ରବାର ସନ୍ଧ୍ୟା ହୋଇଯିବାରୁ ମାତ୍ର ଅଳ୍ପ ବାଟ ଟଣା ଯାଇଥିବା ରଥ କଚେରୀ ଦାଣ୍ଡରେ ଅଟକି ରହିଥିଲା। ହେଲେ ଶନିବାର ପୂର୍ବ ପ୍ରସ୍ତୁତି ଅନୁଯାୟୀ ଅପରାହ୍ନ ୫ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ଶ୍ରୀଦଧିବାମନଜୀଉଙ୍କ ରଥ ମାଉସୀମା' ମନ୍ଦିର ନିକଟରେ ପହଞ୍ଚି ଥିଲା। ରଥ ଚକଡା ଲାଗିବା ପରେ ରୀତିନୀତି ଓ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ପରେ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ସେବକମାନେ ମାଉସୀମା' ମନ୍ଦିରକୁ ନେଇଥିଲେ। ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ହରିବୋଲ, ହୁଳହୁଳି ଓ ଦଧିବାମଜୀଉ ଠାକୁରଙ୍କ ଜୟଗାନ କରି ରଥ ଟାଣି ଥିଲେ। ମନ୍ଦିର ପରିଚାଳନା କମିଟିର ସଭ୍ୟମାନେ ଏହି କାର୍ଯ୍ୟ ତଦାରଖ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଡେରାବିଶ ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ବିଡିଓଙ୍କୁ ଅଭିଯୋଗ କଲେ ଜବ୍‌କାର୍ଡଧାରୀ

ତିର୍ତ୍ତୋଲ,୨୭(ଡି.ଏନ.ଏ.)

### ମେଶିନ କରୁଛି ଏମ୍‌ଜିଏନ୍‌ଆରଜିଏସ୍ କାର୍ଯ୍ୟ

ତିର୍ତ୍ତୋଲ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କିନାଇଲୋ ଗ୍ରାମରେ ଅର୍ଜୁନ ଭୋଳଙ୍କ ଘରଠାରୁ-ଖଜୁରିଗଡା ପର୍ଯ୍ୟନ୍ତ ମାଟି ରାସ୍ତା କାର୍ଯ୍ୟ ପାଇଁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଏମ୍‌ଜିଏନ୍‌ଆରଜିଏସ୍ (ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ମଞ୍ଜୁରୀ ହୋଇଛି। ମାତ୍ର ଏହି କାମ ମେଶିନ ସାହାଯ୍ୟରେ ଚାଲିଥିବା ନେଇ ଶନିବାର ଜବ୍‌କାର୍ଡଧାରୀମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏସମ୍ପର୍କରେ ବିଡିଓ ଅଟଳ ବିହାରୀ ସ୍ୱାଇଁ କହିଛନ୍ତି, ଅଭିଯୋଗ ପାଇବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯିବା ସହ କାର୍ଯ୍ୟ ବନ୍ଦ କରିବାକୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତର ବୀରେନ୍ଦ୍ର ଲେଙ୍କା, ଦେବେନ୍ଦ୍ର ମହାନ୍ତି, ପ୍ରତାପ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

## 'ସାହିତ୍ୟ ହେଉଛି ମଣିଷ ଆତ୍ମାର କାରିଗର'

### ପ୍ରବାହ ସାହିତ୍ୟ ସଂସଦର ତୃତୀୟ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୨୭(ସ୍ୱ.ପ୍ର.)

'ସାହିତ୍ୟ ହେଉଛି ମଣିଷ ଆତ୍ମାର କାରିଗର'। ବ୍ୟକ୍ତିଏ ଆତ୍ମସଚେତନ ହେବା ସହ ଜୀବନକୁ ସୌନ୍ଦର୍ଯ୍ୟମୟ କରିଥାଏ ସାହିତ୍ୟ। ପଟ୍ଟାମୁଣ୍ଡାଇ ବ୍ଲକ ଦୁହୁଡିପୁରଠାରେ ଅନୁଷ୍ଠିତ ପ୍ରବାହ ସାହିତ୍ୟ ସଂସଦର ତୃତୀୟ ବାର୍ଷିକୋତ୍ସବକୁ ଉଦଘାଟନ କରି କବି ତଥା ତୁଳସୀ ମହିଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷା ଡ. ଅପର୍ଣ୍ଣା ମହାନ୍ତି ଏପରି ମତବ୍ୟକ୍ତ କରିଛନ୍ତି। ସମ୍ପଦର ସଭାପତି ନରହରି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଇଷ୍ଟକୋଷ୍ଟ ରେଳପଥର ବରିଷ୍ଠ ଜନସମ୍ପର୍କ ଅଧିକାରୀ ତଥା କବି ନିରାକାର ଦାସ, ମୁଖ୍ୟବକ୍ତା ବରିଷ୍ଠ ପ୍ରାବନ୍ଧିକ ଡ. ନୀଳମଣି ଲେଙ୍କା, ସମ୍ମାନନୀୟ ଅତିଥି ବିଶିଷ୍ଟ ଶିକ୍ଷକ ନେତା କାଳି ପ୍ରସାଦ ନାୟକ, ଗାଳ୍ପିକା ଅବନ୍ତୀ ବେହେରା ମଞ୍ଚାସୀନ ଥିଲେ । ପ୍ରାବନ୍ଧିକ ଡ. ନୀଳମଣି ଲେଙ୍କାଙ୍କୁ ପ୍ରବାହ ସାହିତ୍ୟ ପ୍ରବନ୍ଧ ସମ୍ମାନ, ଗାଳ୍ପିକା ଅବନ୍ତୀ ବେହେରାଙ୍କୁ ଗଳ୍ପ ସମ୍ମାନ, କବି ବିନୟ କୁମାର ମହାନ୍ତିଙ୍କୁ କବିତା ସମ୍ମାନ, ଶିକ୍ଷାବିତ୍ କାଳୀ ପ୍ରସାଦ ନାୟକଙ୍କୁ ସାମାଜିକ କର୍ମୀ ସମ୍ମାନ ଓ କବି ଆରାଧନା ଦାଶଙ୍କୁ ଶିକ୍ଷାସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ସମ୍ପଦର ସମ୍ପାଦକ ସାହିତ୍ୟିକ ପ୍ରେମାନନ୍ଦ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## ଗୁରୁ ହିଁ ସମାଜର ଦିଗ୍‌ଦର୍ଶକ

କେନ୍ଦ୍ରାପଡ଼ା ଅଫିସ, ୨୭

କେନ୍ଦ୍ରାପଡ଼ା ବ୍ଲକ ପୁରୁଷୋତ୍ତମପୁର ଗ୍ରାମର ମନୁର୍ଭବ ଅନୁଷ୍ଠାନ ପକ୍ଷରୁ ବରିଷ୍ଠ ଶିକ୍ଷାବିତ ତଥା ସାମାଜିକ କର୍ମୀ ନରହରି ଦାସଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ପଣ୍ଡିତ ସର୍ବେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ଗୁରୁ ହିଁ ସମାଜର ଦିଗଦର୍ଶକ ବୋଲି ମତ ରଖିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଷ୍ଣୁଚରଣ ପତି, ମୁଖ୍ୟବକ୍ତା ଆଇନଜୀବୀ ବୈଦ୍ୟନାଥ ଚାଟାର୍ଜୀ, ସମ୍ମାନୀତ ଅତିଥି ସତ୍ୟନାରାୟଣ ପତି, ଶିକ୍ଷାବିତ୍ ଅବନୀ କୁମାର ମହାନ୍ତି ଯୋଗ ଦେଇଥିଲେ। ଗୁରୁକୂଳଠାରୁ ଆରମ୍ଭ କରି ସାମ୍ପ୍ରତିକ ସମୟର ଶିକ୍ଷା କ୍ଷେତ୍ରରେ ଗୁରୁଙ୍କ ଭୂମିକା ଉପରେ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ଅତିଥିମାନେ ଶିକ୍ଷାବିତ୍ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପଣ୍ଡିତ ହୃଷିକେଶ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ସାମାଜିକ କର୍ମୀ ଆଦିକନ୍ଦ ରାଉଳ, ଶ୍ରୀଧର ଭୋଳ ପରିଚାଳନା କରିଥିଲେ। ଏଥିରେ ଆଇନଜୀବୀ ପ୍ରଦୀପ କୁମାର ଦାଶ, ପଣ୍ଡିତ କ୍ଷୀରୋଦ ସେନାପତି, ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।



ସାମାଜିକ କର୍ମୀ ନରହରି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସ୍କୁଲ ରୂପାନ୍ତରୀକରଣ କାମରେ ଦୁର୍ନୀତି

ଡେରାବିଶ,୨୭(ସ୍ୱ.ପ୍ର.)

### ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରୁଛନ୍ତି ନିଲମ୍ବିତ କନିଷ୍ଠ ଯନ୍ତ୍ରୀ



ଛାତ୍ରୀଛାତ୍ରଙ୍କ ଉନ୍ନତ ଶିକ୍ଷାଦାନ ପାଇଁ ରାଜ୍ୟ ସରକାର ୫-ଟି ଯୋଜନାରେ ବିଦ୍ୟାଳୟଗୁଡ଼ିକର ରୁପାନ୍ତରିକରଣ କାମ କରୁଛନ୍ତି । ତେବେ ଡେରାବିଶ ବ୍ଲକ ଅଧୀନରେ ସମୁଦାୟ ୨ ପର୍ଯ୍ୟାୟରେ ୧୩ ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪ ବିଦ୍ୟାଳୟର କାର୍ଯ୍ୟ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୯ ବିଦ୍ୟାଳୟର ରୁପାନ୍ତରିକରଣ କାର୍ଯ୍ୟ କରାଯାଇଛି । ଏଥିପାଇଁ ପ୍ରତି ବିଦ୍ୟାଳୟ ପାଇଁ ବ୍ଲକ ପକ୍ଷରୁ ୩୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ସେହି ଟଙ୍କାରେ ବିଦ୍ୟାଳୟର ଗୃହ ମରାମତି, ରଙ୍ଗ ସଫେଇତି, ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କ ପାଇଁ ଇନ୍‌ଟ୍ରାକ୍ଟିଭ ଡିଜିଟାଲ୍ ପ୍ୟାନେଲ ସହିତ ଛାତ୍ରୀଛାତ୍ରଙ୍କ ବସିବା ପାଇଁ ଉନ୍ନତ ମାନର ବେଞ୍ଚ, ଡେସ୍କ, ପାଠାଗାର, ବିଜ୍ଞାନାଗାର ସହିତ କମ୍ପ୍ୟୁଟରରେ ପିଲାଙ୍କୁ ଶିକ୍ଷାଦାନ ବ୍ୟବସ୍ଥା ରହିଛି । ମାତ୍ର ବ୍ଲକ ଅଧୀନ ପଲେଇ ପଞ୍ଚାୟତ ଅଡ଼ଙ୍ଗା ମଲ୍ଲିକେଶ୍ୱରପୁର ମଲ୍ଲିକେଶ୍ୱର ନୋଡ଼ାଲ୍ ଉଚ୍ଚବିଦ୍ୟାଳୟ, ଚାନ୍ଦୋଳ ପଞ୍ଚାୟତ ଗଣେଶପୁର ଲାଲବାହାଦୂର ଶାସ୍ତ୍ରୀ ଉଚ୍ଚ ବିଦ୍ୟାଳୟ, ହରିଅଙ୍କ ପଞ୍ଚାୟତର ପଞ୍ଚାୟତ ନୋଡ଼ାଲ୍ ଉଚ୍ଚବିଦ୍ୟାଳୟ ଓ ଯଅଁରାବାରିମୂଳ ପଞ୍ଚାୟତ ଉଚ୍ଚବିଦ୍ୟାଳୟକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଏହି ବିଦ୍ୟାଳୟର ରୁପାନ୍ତରିକରଣ କରାଯାଇଛି। ହେଲେ ଉପରୋକ୍ତ ୪ ବିଦ୍ୟାଳୟ ପାଇଁ ଦାୟିତ୍ୱରେ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ସାମନ୍ତରାୟ ଅତିନିମ୍ନମାନର ଇନ୍‌ଟ୍ରାକ୍ଟିଭ୍ ଡିଜିଟାଲ୍ ପ୍ୟାନେଲ୍ ସହ ନିମ୍ନମାନର ଚେୟାରଟେବୁଲ୍ କ୍ରୟ କରିଥିଲେ । କେତେକ ବିଦ୍ୟାଳୟରେ ପୁରୁଣା କାନ୍ଥରେ ରଙ୍ଗ ମାରି ବିଲ୍ କରିଥିବା ଭଳି ଗୁରୁତର ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇଲା ପରେ ୫-ଟି ବିଭାଗର ଏକ ୫ ଜଣିଆ ପ୍ରତିନିଧି ଦଳ ବିଦ୍ୟାଳୟଗୁଡ଼ିକ ପରିଦର୍ଶନ କରିବା ପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ଜିଲାପାଳ ଅମୃତ ଋତୁରାଜଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପରିଡ଼ା ଜୁନ୍ ୧୭ରେ କର୍ତ୍ତବ୍ୟରେ ଅବହେଳା ପାଇଁ କନିଷ୍ଠଯନ୍ତ୍ରୀ ସାମନ୍ତରାଙ୍କୁ ଚାକିରୀରୁ ନିଲମ୍ବିତ କରିଥିଲେ । ଏହି ନିଲମ୍ବନ ଆଦେଶ ବଳରେ କନିଷ୍ଠଯନ୍ତ୍ରୀ ସାମନ୍ତରାୟ, କେନ୍ଦ୍ରାପଡ଼ା ବ୍ଲକ କାର୍ଯ୍ୟାଳୟରେ ଯୋଗଦେଇଛନ୍ତି । କେନ୍ଦ୍ରାପଡ଼ା ବିଡ଼ିଓଙ୍କ ବିନା ଅନୁମତିରେ ସେ କୌଣସି ସରକାରୀ କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟର ବାହାରକୁ ଯିବେ ନାହିଁ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ନିଲମ୍ବନ ପତ୍ରରେ ସାମନ୍ତରାୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମସ୍ତ ନିର୍ଦ୍ଦେଶନାମାକୁ ଉଲ୍ଲଂଘନକରି କନିଷ୍ଠଯନ୍ତ୍ରୀ ସାମନ୍ତରାୟ ତାଙ୍କର ପୂର୍ବ କାର୍ଯ୍ୟାଳୟ ଡେରାବିଶ ବ୍ଲକରେ ରହି ପୁରୁଣା ବିଲ୍ କାମ କରୁଥିବା ଦେଖିବାକୁ ମିଳୁଛି । ଏ ସଂକ୍ରାନ୍ତରେ ପ୍ରକଳ୍ପ ନିର୍ଦ୍ଦେଶକ ପରିଡ଼ାଙ୍କୁ ଯୋଗାଯୋଗ କରାଯାଇଥିଲା । ସେ କହିଛନ୍ତି, ଏଭଳି ଖବର ତାଙ୍କ ପାଖରେ ନାହିଁ । ତେବେ ଡେରାବିଶ ବିଡ଼ିଓଙ୍କ ସହ ଏ ବିଷୟରେ ଯୋଗାଯୋଗ କରି ସେ ଯାହା କିଛି ପଦକ୍ଷେପ ନେବେ । ଏ ସଂକ୍ରାନ୍ତରେ କନିଷ୍ଠଯନ୍ତ୍ରୀ ସାମନ୍ତରାୟ କହିଛନ୍ତି, ମୋ ବିରୋଧରେ ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ । ମୁଁ କୌଣସି ନିୟମ ଉଲ୍ଲଂଘନ କରିନାହିଁ । ଏବେ ମୁଁ କେନ୍ଦ୍ରାପଡ଼ା ବ୍ଲକ୍‌ରେ ରହି କାମ କରୁଛି ।

ଏ ସଂକ୍ରାନ୍ତରେ ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ମଲ୍ଲିକେଶ୍ୱରପୁର ଉଚ୍ଚବିଦ୍ୟାଳୟ ପରିସରରେ ଥିବା ଶୌଚାଳୟଗୁଡ଼ିକ ବର୍ଷକ ତଳେ ନିର୍ମାଣ ହୋଇଥିଲା। ବିଦ୍ୟାଳୟର ଏକ ୧୮୦ ଫୁଟ ଲମ୍ବର ଶ୍ରେଣୀଗୃହକୁ କନିଷ୍ଠଯନ୍ତ୍ରୀ କାହା ନିର୍ଦ୍ଦେଶରେ ସମ୍ପୂର୍ଣ୍ଣ ଭାଙ୍ଗିଛନ୍ତି ତାହାର ତୁରନ୍ତ ତଦନ୍ତ କରାଯାଉ। କେବଳ ସେତିକି ନୁହେଁ ଇନ୍‌ଟ୍ରାକ୍ଟିଭ୍ ଡିଜିଟାଲ୍ ପ୍ୟାନେଲ ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୨ଲକ୍ଷ ୧୫ ହଜାର ଟଙ୍କା ବ୍ୟୟରେ ଏଲ୍‌ଜି କମ୍ପାନୀର କ୍ରୟ କରିବାକୁ ନିର୍ଦ୍ଦେଶ ଥିବା ବେଳେ ଅତିକମ୍ ଦାମ୍‌ର ଡିଜିଟାଲ୍ ପ୍ୟାନେଲ୍ କ୍ରୟ କରି ବିଦ୍ୟାଳୟରେ ଲଗାଯାଇଥିବା ବିଧୁଭୂଷଣ କହିଛନ୍ତି, ଯାହାକି ଖୁବ୍‌ଶୀଘ୍ର ଅଚଳ ହେବାର ସମ୍ଭାବନା ରହିଛି। ଏହି ପ୍ୟାନେଲ୍ ଛାତ୍ରୀଛାତ୍ରଙ୍କ ଭବିଷ୍ୟତରେ କୌଣସି କାମରେ ଲାଗିବ ନାହିଁ ବୋଲି ମହାପାତ୍ର ୫-ଟି ସଚିବଙ୍କୁ ଅବଗତ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି । ସେହିପରି ଲାଲବାହଦୂର ଉଚ୍ଚବିଦ୍ୟାଳୟ, ଯଅଁରାବାରିମୂଳ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଓ ହରିଅଙ୍କ ଉଚ୍ଚବିଦ୍ୟାଳୟରେ କରାଯାଇଥିବା କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରିବା ପାଇଁ ବିଧୁଭୂଷଣ ୫-ଟି ସଚିବ ଓ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ସଂକ୍ଷେପରେ

### ରୋଟାରି ଇନର ହୁଇଲର ଜାତୀୟ ଚିକିତ୍ସକ ଦିବସ

ଧର୍ମଶାଳା,୨।୭(ଡି.ଏନ.ଏ.): ଜାରକା ରୋଟାରି କ୍ଲବ ଓ ଜାରକା ଇନର ହୁଇଲ କ୍ଲବ ଆନୁକୂଲ୍ୟରେ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଜାତୀୟ ଚିକିତ୍ସକ ଦିବସ ପାଳିତ ହୋଇଯାଇଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସକ ଡା. ସୁଧୀର କୁମାର ସାହୁ, ଡା. ପ୍ରଜ୍ଞୋସିନୀ ନାୟକ, କବାଟବନ୍ଧ ଡା. ନିହାର ରଞ୍ଜନ କର, ଦାନଗଦୀ ଡା. ପ୍ରାୟାଗଜିତ ରାଉତରାୟଙ୍କୁ ରୋଟାରି ଓ ଇନରହୁଇଲ କ୍ଲବ ପକ୍ଷରୁ ସେମାନଙ୍କ ରୋଗୀସେବା କାର୍ଯ୍ୟ ପାଇଁ ମାନପତ୍ର, ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ୍ ବିନୋଦ ବିହାରୀ ପରିଡ଼ା ଉତ୍ସବ ପରିଚାଳନା କରିଥିଲେ। ଏଥିପୂର୍ବରୁ ଚଳିତବର୍ଷ ପାଇଁ ଉଭୟ କ୍ଲବର ନୂତନ କର୍ମକର୍ତ୍ତା ଘୋଷଣା କରାଯାଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସଭାପତି ରୋଟାରିଆନ୍ ନିରଞ୍ଜନ ପାଣିଗ୍ରାହୀ, ସମ୍ପାଦକ ଜ୍ୟୋତି ଆଚାର୍ଯ୍ୟ, ଇନରହୁଇଲର ସଭାନେତ୍ରୀ ରଶ୍ମିତା ନାୟକଙ୍କୁ ରୋଟାରି ନୂତନ ସଭାପତି ପ୍ରମୋଦ ସାମଲ, ସମ୍ପାଦକ ସୁକାନ୍ତ ସ୍ୱାଇଁ, ଇନର ହୁଇଲ ସଭାନେତ୍ରୀ ଶୁଭଲକ୍ଷ୍ମୀ କର, ସମ୍ପାଦିକା ବିଶ୍ୱମିତ୍ରା ସାହୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ସଭାନେତ୍ରୀ ମିନତି ସାହୁ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ଅବସରରେ ରୋଟାରି କ୍ଲବ ପକ୍ଷରୁ ଡାକ୍ତର ରୋଟାରିଆନ୍ ସ୍ୱର୍ଗତ ରମେଶ ଚନ୍ଦ୍ର ସାହୁଙ୍କ ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାଧୁରୀ ଶତପଥୀ, ଅର୍ଚ୍ଚନା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିବାବେଳେ ରୋଟାର କ୍ଲବର ସମସ୍ତ ସଦସ୍ୟ ଓ ଇନର ହୁଇଲ କ୍ଲବର ସମସ୍ତ ସଭ୍ୟ ଏଥିରେ ଅଂଶ ଗ୍ରହଣ କରିଥିଲେ। ଡାକ୍ତର ଭଗବାନଙ୍କର ଆଉ ଏକ ରୂପ। ତେଣୁ ଡାକ୍ତରମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ବୋଲି ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ଶତପଥୀ ମତବ୍ୟକ୍ତ କରିଥିଲେ।

### ମହାପୁରୁଷ ଯଶୋବନ୍ତଙ୍କ ହୁଣ୍ଡିରୁ ୫୬,୭୧୮ ଟଙ୍କା ସଂଗ୍ରହ

ବିରିଡି,୨।୭(ଡି.ଏନ.ଏ.):

ବିରିଡି ବ୍ଲକ ଅଡ଼ଙ୍ଗଗଡସ୍ଥିତ ମହାପୁରୁଷ ଯଶୋବନ୍ତ ଦାସ ଗୋସ୍ୱାମୀଙ୍କ ହୁଣ୍ଡିରୁ ୫୬ ହଜାର ୭ଶହ ୧୮ ଟଙ୍କା ସଂଗ୍ରହ ହୋଇଛି। ଶନିବାର ବିରିଡି ତହସିଲଦାର ସାଗରିକା ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ପୀଠର ହୁଣ୍ଡି ଖୋଲାଯାଇ ଟଙ୍କା ଗଣା ଯାଇଥିଲା। ଏହି ସମୟରେ ଟ୍ରଷ୍ଟି ଚିତ୍ତରଞ୍ଜନ ଦାସଙ୍କ ସହ ତହସିଲର ସୂର୍ଯ୍ୟ ମହାନ୍ତି ଓ ଗ୍ରାମର ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭକ୍ତଙ୍କ ଧ୍ୱନିରେ କମ୍ପିଲା ବଡ଼ଦାଣ୍ଡ

କୁଜଙ୍ଗ,୨।୭(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା, ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗର ପ୍ରସିଦ୍ଧ ସୁଭଦ୍ରା କ୍ଷେତ୍ରରେ ପ୍ରଭୁ କୁଞ୍ଜବିହାରୀଙ୍କର ରଥଯାତ୍ରା ଶନିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଭକ୍ତଙ୍କ ଘଣ୍ଟ, ଖୋଳ, କରତାଳି, ହରିବୋଲ ଓ ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡ କମ୍ପି ଉଠିଥିଲା। ଶାନ୍ତିଶୃଙ୍ଖଳାର ସହ ସନ୍ଧ୍ୟାରେ କୁଞ୍ଜବିହାରୀଙ୍କ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। କୁଞ୍ଜବିହାରୀଙ୍କ ମନ୍ଦିରରେ ପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରା ପୂଜା ପାଉଥିବାବେଳେ ଏଠାରେ ମାତ୍ର ଗୋଟିଏ ରଥ ଟଣାଯାଇଥାଏ। ବାର ଚକ ବିଶିଷ୍ଟ ଏହି ରଥର ଉଚ୍ଚତା ୪୦ ଫୁଟ' ଏବଂ ଏଥିରେ କେବଳ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା କୁଞ୍ଜବିହାରୀ ଯାତ୍ରା କରିଥାନ୍ତି। ପରମ୍ପରା ଅନୁଯାୟୀ, ଶୁକ୍ରବାର ଦ୍ୱିତୀୟା ତିଥିରେ ଗୋପାଳ ବଲ୍ଲଭ, ସକାଳ ଧୂପ, ରୋଷ ହୋମ, ଅବକାଶ, ଦ୍ୱାରପାଳ ପୂଜା, ରଥ ପ୍ରତିଷ୍ଠା, ମଙ୍ଗଳାର୍ପଣ, ପହଣ୍ଡି ବିଜେ ଓ ରଥରେ ଛେରାପହଁରା ପରେ ଅଧରପଣା ଲାଗି ହୋଇଥିଲା। ଏହାପରେ କୁଞ୍ଜବିହାରୀ ସାରାରାତି ରଥରେ ପୂଜା ପାଇଥିଲେ। ଶନିବାର ତୃତୀୟା ତିଥିରେ ସକାଳଧୂପ ଓ ମଧ୍ୟାହ୍ନ ଆଳତି ପରେ ଅପରାହ୍ନରେ କୁଞ୍ଜବିହାରୀଙ୍କ ରଥଯାତ୍ରା ପର୍ବ ଆରମ୍ଭ ହୋଇଥିଲା। ମାଉସୀ ମା'ଙ୍କ ମନ୍ଦିରକୁ ଯିବା ବାଟରେ ମାମୁଘର ରଘୁନାଥଜୀଉ ମନ୍ଦିର ନିକଟରେ କୁଞ୍ଜବିହାରୀଙ୍କ ରଥ କିଛି ସମୟ ପାଇଁ ଅଟକି ଥିଲା। ସେଠାରେ ମହନ୍ତ ଅମୃତ ଦାସ ରଥ ଉପରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ପୁନର୍ବାର ଭକ୍ତଙ୍କ ଗହଣରେ ରଥ ଟଣାଯାଇ ସନ୍ଧ୍ୟାରେ ମାଉସୀ ମା' ମନ୍ଦିରରେ ପହଞ୍ଚି ଥିଲା। ଠାକୁର ରାଜା ବେଶରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଛେରା ପହଁରା କରିଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟି ରାଜେନ୍ଦ୍ର ବେହେରା, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଯଦୁନାଥ ଖଟୁଆ, ବିଷ୍ଣୁଚରଣ ପ୍ରଧାନ, ଯୁବ ସଙ୍ଗଠକ ଅରୁପ୍ରସାଦ ମହାନ୍ତି, ପୂର୍ବତନ ସରପଞ୍ଚ ସଞ୍ଜୟ ମହାନ୍ତି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା।


ଭକ୍ତମାନେ କୁଞ୍ଜବିହାରୀଙ୍କୁ ରଥକୁ ଟାଣୁଛନ୍ତି।

### ସୁଭଦ୍ରା କ୍ଷେତ୍ରରେ କୁଞ୍ଜବିହାରୀଙ୍କ ଘୋଷଯାତ୍ରା

# ଚାରା ଲଗାଇ ପିଲାଙ୍କୁ ସୁରକ୍ଷା ଦାୟିତ୍ୱ ଦେଲେ ଜିଲା ଜଜ୍


ବନ ମହୋତ୍ସବ ପାଳନ ଅବସରରେ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

### ରେଢୁଆ ବିସି ବିଦ୍ୟାଳୟରେ ବନ ମହୋତ୍ସବ

ରଘୁନାଥପୁର,୨।୭(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ବିଦ୍ୟାଳୟରେ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ, ଜଗତସିଂହପୁର ବନାଞ୍ଚଳ ଓ ଜାତୀୟ ସେବା ସଂସ୍ଥାର ସହଭାଗିତାରେ ୭୩ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଲା ଜଜ୍ ଅନୁପ କୁମାର ଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଅନ୍ୟତମ ଅତିଥିଭାବେ ଏଡିଜେ ରାଜଶ୍ରୀ ମହାପାତ୍ର, ଡିଏଲ୍ଏସ୍ଏ ସୁନନ୍ଦା ପାଢ଼ୀ, ଜେଏମ୍ଏଫ୍‌ସି ଝିଲିଲିନା ନାୟକ, ରେଞ୍ଜର ରବି ନାରାୟଣ ମହାନ୍ତି, ଜାତୀୟ ସେବା ସଂସ୍ଥାର ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ମହାପାତ୍ର ଓ ସମ୍ପାଦକ ଗୋବିନ୍ଦ ଓଝା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚାରା ରୋପଣ ପାଇଁ ଉତ୍ସାହିତ କରିଥିଲେ। ଜିଲା ଜଜ୍ ଚନ୍ଦନ ଏହି ଅବସରରେ ଚାରା ରୋପଣ କରି ପ୍ରତି ଗଛର ସୁରକ୍ଷା ଦାୟିତ୍ୱ ଛାତ୍ରୀଛାତ୍ରଙ୍କୁ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ରୀତା ରାଉତଙ୍କ ପରିଚାଳନାରେ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫରେଷ୍ଟର ସୁକାନ୍ତ ବେହେରା ଓ ସୁପ୍ରଭା ଜେନାମଣି, ଗାର୍ଡ ଭାରତୀ କାଣ୍ଡି, ପ୍ରକୃତି ମିତ୍ର ନିରଞ୍ଜନ ବାରିକ, ନବଜ୍ୟୋତିର ସମ୍ପାଦକ କ୍ଷୀରୋଦ କୁମାର ଦାଶ, ସାମାଜିକ କର୍ମୀ ବିଜନ ମହାପାତ୍ର ଓ ସୁନୀଲ ଜେନା,ତପନ ସ୍ୱାଇଁ ଓ ମନୋଜ ସ୍ୱାଇଁ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ଅର୍ଦ୍ଧେନ୍ଦୁ ଦାସଙ୍କ ଗିରଫ ପ୍ରତିବାଦରେ ବିକ୍ଷୋଭ



ନବନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଜଗତ୍‌ସିଂହପୁର ଅଫିସ,୨।୭

ବଡ଼ ଖବରର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଇଓଡବ୍ଲ୍ୟୁ ପକ୍ଷରୁ ଅସାମ୍ବିଧାନିକ ଭାବେ ରାତି ଅଧିଆ ଗିରଫ କରାଯାଇଥିବା ଅଭିଯୋଗ କରି ଶନିବାର ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜଗତ୍‌ସିଂହପୁର ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଟାଉନ ହଲ୍ ନିକଟରୁ ଏନେଇ ଏକ ଶୋଭାଯାତ୍ରା ବାହାରି ବସ୍‌ଷ୍ଟାଣ୍ଡ ଦେଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସେଠାରୁ ଫେରି ଜଇପୁର ରାସ୍ତା ଦେଇ ପୁଣି ଟାଉନ ହଲ୍ ନିକଟରେ ପହଞ୍ଚିଥିଲା। ଏହି ସମୟରେ ବିକ୍ଷୋଭକାରୀମାନେ ରାଜ୍ୟ ସରକାର ବିରୋଧରେ ନାରାବାଜି କରିଥିଲେ। ଅର୍ଦ୍ଧେନ୍ଦୁ ସରକାରୀ ଅନ୍ୟାୟ ବିରୋଧରେ ଖବର ପରିବେଷଣ କରୁଥିବାରୁ ତାଙ୍କ କଣ୍ଠରୋଧ ପାଇଁ ପୋଲିସ ପକ୍ଷରୁ ଗିରଫ କରାଯାଇଛି ବୋଲି ଚାଷୀ ନେତାମାନେ କହିଥିଲେ। ଗଣତନ୍ତ୍ରରେ ଜନ ଆନ୍ଦୋଳନ ଓ ଜନତାର କଥା କହିବା ଅଧିକାରକୁ ବନ୍ଦ କରିବା ଅର୍ଥ ଭାରତର ସମ୍ବିଧାନକୁ ହତ୍ୟା କରିବା ସହ ସମାନ ବୋଲି ଚାଷୀନେତାମାନେ କହିଥିଲେ। ଶୋଭାଯାତ୍ରାରେ ସଙ୍ଗଠନର ଉପଦେଷ୍ଟା ବଂଶୀଧର ପଟ୍ଟନାୟକ, ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣା, ଶରତ ମହାପାତ୍ର, ନିଗମାନନ୍ଦ ଦାସ, ପବିତ୍ର ନାୟକ, ସୁରେନ୍ଦ୍ର ମହାରଣା, ପ୍ରମୋଦ କୁମାର ଦାସ, ନିଗମାନନ୍ଦ ଦାସ, ସୁରେଶ ସାହୁ, ସନ୍ତୋଷ ସାହୁ, ବିଜୟ ପତି, ଅଶୋକ ବେହେରା, ଅଶୋକ ସ୍ୱାଇଁ, ବିଷ୍ଣୁ ନାୟକ, ରବୀନ୍ଦ୍ରନାଥ ସାହୁ, ଭାସ୍କର ମହାପାତ୍ର ଓ ବସନ୍ତ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

### ସଭାପତି ପଦରେ ସୁଶାନ୍ତ ଦାସ ତିର୍ତ୍ତୋଲ ସମବାୟ ସମିତି ନିର୍ବାଚନ

ତିର୍ତ୍ତୋଲ,୨।୭(ଡି.ଏନ.ଏ.)

ତିର୍ତ୍ତୋଲ ସମବାୟ ସମିତି ଲିମିଟେଡର ବୋର୍ଡ ସଭାପତି ପଦ ନିମନ୍ତେ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅପ୍ରତିଦ୍ୱନ୍ଦ୍ୱୀଭାବେ ଏସ୍.ଏନ୍‌ପାଟଣା ଗ୍ରାମର ସୁଶାନ୍ତ ଚନ୍ଦ୍ର ସାହୁ ନିର୍ବାଚିତ ହୋଇଥିଲେ। ଏକମାତ୍ର ପ୍ରାର୍ଥୀ ଭାବେ ସେ କେବଳ ନାମାଙ୍କନ ଦାଖଲ କରିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ନିର୍ବାଚନ ଅଧିକାରୀ ଲକ୍ଷ୍ମଣ ସୋରେନ ତାଙ୍କୁ ବିଜୟୀ ଘୋଷଣା କରିଥିଲେ। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଏହାପରେ ତାଙ୍କୁ ମିଠା ଖୁଆଇ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୋର୍ଡ ନିର୍ଦ୍ଦେଶକ ପ୍ରମୋଦ କୁମାର ମହାନ୍ତି, ରଶ୍ମି ରଞ୍ଜନ ଲେଙ୍କା, ସାରଦା ପ୍ରସନ୍ନ ସାହୁ, ସୁଧାକର ସେଠୀ, ସୁଜିତ ଦାସ, ମଦନ ମୋହନ ସ୍ୱାଇଁ, ଅରୁପ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ବରପୁତ୍ର ବ୍ରଜସୁନ୍ଦରଙ୍କ ଜୟନ୍ତୀ ପାଳିତ


ବରପୁତ୍ର ବ୍ରଜସୁନ୍ଦରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

ବିଞ୍ଝାରପୁର,୨।୭(ଡି.ଏନ.ଏ.)

ଓଡ଼ିଶାର ଅନ୍ୟତମ ବରପୁତ୍ର ବ୍ରଜସୁନ୍ଦର ଦାସଙ୍କ ୧୪୨ତମ ଜୟନ୍ତୀ ବିଞ୍ଝାରପୁର ବ୍ଲକ ସୟଦପୁରସ୍ଥିତ ବ୍ରଜସୁନ୍ଦର ଜୁନିୟର କଲେଜ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରସନ୍ନ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଶ୍ରୀଧର ନାଥ, ଦେବୀ ମିଶ୍ର, ଶରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଦାସଙ୍କ ଆଦର୍ଶ ସ୍ମୃତିକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ମୁରାରୀ ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ବିପ୍ଳବ ଦାସ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ କଲେଜର ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ରାହାମା,୨।୭(ଡି.ଏନ୍.ଏ.)

ତିର୍ତ୍ତୋଲ ଥାନା କଟକ-ପାରାଦୀପ ରେଳ ରାସ୍ତାର ରାହାମା ଷ୍ଟେଶନ ନିକଟ ରେଳ ଲାଇନ୍‌ରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ତାଙ୍କ ପରିଚୟ ମିଳି ପାରି ନ ଥିବାବେଳେ ବୟସ ୩୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଟ୍ରେନ ଧକ୍କାରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଜିଆରପି ପକ୍ଷରୁ ଅପମୃତ୍ୟୁ ମାମଲା (ନଂ. ୪୨/୨୨)ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଏଏସ୍ଆଇ ଆସଲାମ ଖାନ କହିଛନ୍ତି।

# ସାର୍ଥକ ଫାଉଣ୍ଡେଶନର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଯାଜପୁର ଟାଉନ,୨।୭(ଡି.ଏନ.ଏ.)

ସାର୍ଥକ ଫାଉଣ୍ଡେଶନର ୪ର୍ଥ ବାର୍ଷିକ ଉତ୍ସବ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ସଭାପତି ସଞ୍ଜୟ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ଉକ୍ତ ଅନୁଷ୍ଠାନ ପ୍ରତିବର୍ଷ ରଥଯାତ୍ରାରେ ଭିନ୍ନକ୍ଷମ ଓ ଦରିଦ୍ରଙ୍କୁ ସହାୟତା ପ୍ରଦାନ, ପଞ୍ଚାୟତ ପ୍ରତିନିଧିଙ୍କୁ ଆଶୁ ଚିକିତ୍ସା ପାଇଁ ଏକ ମେଡିକାଲ କିଟ୍ ପ୍ରଦାନ, ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ଓ ସର୍ବୋପରି ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନାଚକ୍ର ଆୟୋଜନ କରିବା ଭଳି ପ୍ରଶଂସନୀୟ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ତାମିଲନାଡୁ ରାଜ୍ୟର ବରିଷ୍ଠ ସାମାଜିକ କର୍ମୀ ଉମା ମହେଶ୍ୱରମ, ସ୍ଥାନୀୟ ପୌରାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଶିକ୍ଷାବିତ ବୈକୁଣ୍ଠ ପତି, ଅନନ୍ୟାର ସଭାପତି ସନ୍ତୋଷ ନନ୍ଦ, ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଭୁଶୁଡ଼ିଲା ଜଗନ୍ନାଥ ମନ୍ଦିର ପାଚେରି

ଯାଜପୁର ଟାଉନ,୨।୭(ଡି.ଏନ.ଏ.):

ଯାଜପୁର ଜିଲା ସଦର ମହକୁମା ସଂଲଗ୍ନ ବୈତରଣୀ ନଦୀ ବନ୍ଧକୁ ବିକଳ୍ପ ଗମନାଗମନ ଭାବେ ପ୍ରସ୍ତୁତ କରାଯାଇ ବିରଜା ରିଂ ରୋଡ୍ ନାମରେ ନାମିତ ପୂର୍ବକ ଏହାକୁ ଚାରିଥାକିଆ କରାଯାଉଛି। ତେବେ ଦଶାଶ୍ୱମେଧ ଘାଟରେ ବ୍ୟାରେଜ୍ ନିର୍ମାଣ ଓ ଅନ୍ୟପ୍ରକଳ୍ପ ପାଇଁ ନିର୍ମାଣ ସାମଗ୍ରୀ ଯାତାୟାତ ଯୋଗୁ ଜଗନ୍ନାଥ ମନ୍ଦିର ନିକଟରେ ଦେଢବର୍ଷ ପୂର୍ବେ ଲକ୍ଷ୍ମୀମନ୍ଦିର ପଛପାର୍ଶ୍ୱରେ ପଥର ପାଚେରି ଭାଙ୍ଗିଯାଇଥିଲା। ଏବେ ଅପରପାର୍ଶ୍ୱ(ରୋଷଶାଳା ବାମପାର୍ଶ୍ୱ)ଟି ପ୍ରାୟତଃ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ତେବେ ପାଚେରି ଗଳିପଡ଼ିବା ଯେତିକି ସମସ୍ୟା ସୃଷ୍ଟି ନ କରିଛି ମୁଖ୍ୟରାସ୍ତା କଂକ୍ରିଟ ରୋଡ୍‌ଟି ଯେକୌଣସି ମୁହୂର୍ତ୍ତରେ ଧସିଯାଇ ଲୋକଙ୍କ ଜୀବନ ହାନପ୍ରର ଆଶଙ୍କା ସୃଷ୍ଟି କରିଛି। କାରଣ ଯାତ୍ରୀବାହୀ ବସ୍‌ଗୁଡିକ ଯାଜପୁରରୁ ମଙ୍ଗଳପୁର ଯିବାବେଳେ ଭାଙ୍ଗିଥିବା ସ୍ଥାନର କଂକ୍ରିଟ ରୋଡ ଉପରେ ଯିବାକୁ ହେବ। ଅନ୍ୟପକ୍ଷରେ ୪ ଦିନ ତଳୁ ପାଚେରିର ଅଂଶ ଧସିଯିବା ପରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ)କୁ ଅବଗତ କରାଯିବା ସତ୍ତ୍ୱେ ବିଭାଗ କର୍ଣ୍ଣପାତ କରିବାକୁ ବି ପ୍ରସ୍ତୁତ ନାହିଁ। ଶନିବାର ପରିସ୍ଥିତିକୁ ଦେଖି ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଘଟଣାସ୍ଥଳକୁ ଆସି ଯାତାୟାତକାରୀଙ୍କୁ ସତର୍କ ସୂଚନା ଦେବା ପାଇଁ ନାଲିଫିତା ବାନ୍ଧିବା ଓ ସୂଚନାଫଳକ ଲଗାଇବାର ବ୍ୟବସ୍ଥା କରିଛନ୍ତି।

ଏହି ରିଂ ରୋଡ୍ ଯାଜପୁର-ମଙ୍ଗଳପୁର ଲାଇଫ୍‌ଲାଇନ୍ ରୋଡ୍ ଭାବେ ପରିଚିତ। ଜଳ ସମ୍ପଦ ବିଭାଗ ହାତରେ ରହିଥିବା ରିଂ ରୋଡକୁ ୨୦୧୮ରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲାବେଳେ ୨୦୧୯ରେ ପୂର୍ତ୍ତ ବିଭାଗ ଯାଜପୁର-ମଙ୍ଗଳପୁର ବାଇପାସ କୁହାଯାଉଥିବା ଏହି ରିଂ ରୋଡ୍‌କୁ ଦୋହରୀକରଣ କରିଛି। ତେବେ କିଆନାଳୀରୁ ସୁନ୍ଦରାଇମୁହଁ ପର୍ଯ୍ୟନ୍ତ ବନ୍ଧ ରାସ୍ତାକୁ ଚଉଡ଼ା କରାଯାଇ ଦୀର୍ଘଦିନ ତଳୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିଲେ ମଧ୍ୟ ବରାହ ସେତୁ ନିକଟରୁ ବିଇଡି ଏମଇ ସ୍କୁଲ(ଜଗନ୍ନାଥ ମନ୍ଦିର ଗଡ଼ାଣି) ପର୍ଯ୍ୟନ୍ତ ୮୫୦ ମିଟର ରାସ୍ତାଟି ଏଏସ୍ଆଇର ପ୍ରତିରୋଧ ପାଇଁ ନିର୍ମାଣ ସମ୍ଭବ ହୋଇନାହିଁ। ଏବେ ଦଶରଥପୁର, ମଙ୍ଗଳପୁର ସମେତ ପ୍ରସିଦ୍ଧ ଶୈବପୀଠ ଭଦ୍ରକ ଜିଲା ଆରଡି ଧାମକୁ ଉକ୍ତ ରିଂ ରୋଡ୍‌ଟି ମୁଖ୍ୟ ରାସ୍ତା। କିନ୍ତୁ ଏଏସ୍ଆଇ ବିଭିନ୍ନ ଆଳ ଦେଖାଇ ୪/୫ ବର୍ଷ ହେଲାଣି ରାସ୍ତାକୁ ନିର୍ମାଣ କରାଇ ଦେଉନାହିଁ। ଏଣେ ସରକାର ରାଜସ୍ୱ ସଂଗ୍ରହ ପାଇଁ ବୈତରଣୀର ଦେବୀଗଡ଼ା ଘାଟ, ବଲ୍ଲଭୀଘାଟ, ସିଦ୍ଧେଶ୍ୱର ଘାଟ ଆଦି ସ୍ଥାନରେ ଦୀର୍ଘକାଳୀନ ବାଲିଘାଟ ଲିଜ ଦେଇଛନ୍ତି। ଏହାଛଡ଼ା ଏହି ରାସ୍ତା ଦେଇ ଦଶରଥପୁର ଓ ବିଞ୍ଝାରପୁର ବ୍ଲକ ଅଞ୍ଚଳକୁ ନିର୍ମାଣ ସାମଗ୍ରୀ ବୋଝେଇ ଭାରିଯାନ ଯାତାୟାତ କରୁଥିବାବେଳେ ଯାତ୍ରୀବାହୀ ବସ୍ ସମେତ ସବୁ ଛୋଟବଡ ଗାଡି ଯିବା ପାଇଁ ଉକ୍ତ ରାସ୍ତା ହିଁ ଏକମାତ୍ର ପଥ ହୋଇଛି।

ସ୍ଥାନୀୟ ବାସିନ୍ଦା ଆଡଭୋକେଟ ସମରଜିତ ମହାନ୍ତି ଗତ ଗୁରୁବାର ଏଏସ୍ଆଇ କର୍ତ୍ତୃପକ୍ଷଙ୍କୁ ଇ-ମେଲ୍ ଦ୍ୱାରା ଚିଠି ଲେଖି ଶୀଘ୍ର ନିର୍ମାଣ କାର୍ଯ୍ୟ ସାରିବାକୁ ନିବେଦନ କରିଥିଲେ ହେଁ ଏଏସଆଇ ଜଣେ ଜଗୁଆଳିଙ୍କୁ ସେଠାରେ ନିୟୋଜିତ କରି ତା'ର ଦାୟିତ୍ୱ ସାରିଛି। ଏଏସଆଇର ମନମାନୀ ଏପରି ଯେ ପ୍ରାୟ ୫ ବର୍ଷ ପୂର୍ବେ ଜଗନ୍ନାଥ ମନ୍ଦିରର ଅଳ୍ପକିଛି ଅଂଶ ଧସି ଯିବାରୁ ତତ୍କାଳୀନ ତହସିଲଦାର ତଥା ମନ୍ଦିର ଟ୍ରଷ୍ଟି ମମତା ବାରିକଙ୍କ ଅନୁରୋଧକ୍ରମେ ପୂର୍ତ୍ତ ବିଭାଗ ପାଚେରି ମରାମତି କରିଦେବାରୁ ଏଏସଆଇ କର୍ତ୍ତୃପକ୍ଷ ତହସିଲଦାର ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀ ମହେଶ୍ୱର ସାହୁଙ୍କ ନାମରେ ଥାନାରେ ଏତଲା ଦେଇଥିଲା। ଏଏସଆଇର ଏପ୍ରକାର ନିଦାବିଷ୍ଣୁ ମନୋଭାବ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। କେବଳ ଏହି ଘଟଣା ନୁହେଁ ଦୁଇବର୍ଷ ମଧ୍ୟରେ ବୈତରଣୀ ନଦୀ ଓ ଏହାର ପଠାରେ ବିଭିନ୍ନ କୀର୍ତ୍ତିରାଜି ଠାବ ହୋଇଥିଲେ ମଧ୍ୟ ବିଭାଗ ଏହାକୁ ଉଦ୍ଧାର କରିବା ତ ଦୂରର କଥା ଘଟଣାସ୍ଥଳକୁ ମଧ୍ୟ ଆସିନାହିଁ। କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନ ଓ କାର୍ଯ୍ୟ ବିଳମ୍ବ ସ୍ୱାଭାବିକ ହେବା ଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଇ ଏଏସଆଇ କର୍ତ୍ତୃପକ୍ଷ ବସି ପଡୁଛନ୍ତି। ଏ ସମ୍ପର୍କରେ ଏଏସଆଇ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ପାଚେରି ଭୁଶୁଡ଼ି ପଡିଛି।

### ଧସିବ ଯାଜପୁର-ମଙ୍ଗଳପୁର ଲାଇଫ୍‌ଲାଇନ୍ ବିରଜା ରିଂ ରୋଡ୍

## ସଂକ୍ଷେପରେ...

### ୪୬ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ପାତ୍ରପୁର,୨।୭(ଡି.ଏନ୍.ଏ.)- ଜରଡ଼ା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ସବରଦେଇପେଟା ନିକଟରେ ଚିକିଟି ଏସ୍‌ଡିପିଓ, ଜରଡ଼ା ପୋଲିସ ୪୬ କେଜି ଗଞ୍ଜେଇ ସହ ଅଟୋ ଜବତ କରିଛି। ଏଥିରେ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଲୋକାପଦର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମଲିକ (୩୫)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏକ ଅଟୋ (ଓଆର୍ ୦୭ ଏସ ୫୧୩୩) ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଅଟୋକୁ ସୁରକ୍ଷା ଦେଇ ଏକ କାର (ଓଆର୍ ୦୨ ବିଜେ ୫୨୫୨) ଯାଉଥିଲେ। ଏହି ସମୟରେ ପୋଲିସ ଅଭିଯୁକ୍ତଙ୍କୁ ଧରିଥିଲା। ଅଟୋ ଚାଳକ ଫେରାର ଅଛନ୍ତି।

### କବାଟ ଭାଙ୍ଗି ସୁନା, ଟଙ୍କା ଚୋରି

ପାତ୍ରପୁର,୨।୭(ଡି.ଏନ୍.ଏ.)- ଜରଡ଼ା ଥାନା ଖାରିଆଗୁଡା ଫାଣ୍ଡି ଏସ୍. ବି. ଜଗଦେପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଶୁକ୍ରବାର ରାତିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ସହ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ଅର୍ଜୁନ କୁଣ୍ଡ ଓ ତାଙ୍କ ପରିବାର ରାତିରେ ଶୋଇଥିବା ବେଳେ ଘର ବାରିପଟ କବାଟ ଭାଙ୍ଗି ଆଲମିରା ତାଡି ୧୨ ଭରି ସୁନା ଏବଂ ୩ ଲକ୍ଷ ୫୦ ହଜାର ଟଙ୍କା ଚୋରି ହୋଇଛି। ସକାଳୁ ବାଡ଼ି କବାଟ ଖୋଲାଥିବା ସହ ଆଲମାରୀ ଭଙ୍ଗାରୁଜା ହୋଇଥିବା ଦେଖି ଅର୍ଜୁନ ଗ୍ରାମରେ ଜଣାଇବା ସହ ଫାଣ୍ଡିରେ ଅଭିଯୋଗ କରିଥିଲେ। ଖାରିଆଗୁଡା ଫାଣ୍ଡି ଅଧିକାରୀ ତଦନ୍ତ କରି ଫେରିଛନ୍ତି।

### ହିଞ୍ଜିଳିକାଟୁରେ ବନ ମହୋତ୍ସବ ସପ୍ତାହ

ହିଞ୍ଜିଳିକାଟୁ,୨।୭(ଡି.ଏନ.ଏ)-ହିଞ୍ଜିଳିକାଟୁ ଉପଖଣ୍ଡ ବନାଞ୍ଚଳ ତରଫରୁ ଆଲପୁର ଗାଁ ଋଷିକୁଲ୍ୟା ନଦୀପଠାରେ ୭୩ ତମ ବନମହୋତ୍ସବ ସପ୍ତାହ ଉପଲକ୍ଷେ ଚାରା ରୋପଣ ହୋଇଛି। ରାଳବ ଗ୍ରାମପଞ୍ଚାୟତ ସମିତି ସଭ୍ୟା ରିନା ପଲେଇ ଓ ସରପଞ୍ଚ ରଶ୍ମିତା ପ୍ରଧାନ, ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ା, ହିଞ୍ଜିଳିକାଟୁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନା ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ବିଭାଗ ପକ୍ଷରୁ ବନାଞ୍ଚଳ ଅଧିକାରୀ ରଞ୍ଜିତ କୁମାର ମିଶ୍ର, ବନପାଳ ପ୍ରଦୀପ କୁମାର ପଣ୍ଡା, ବନରକ୍ଷକ ମିତାରାଣି ବିଶ୍ୱାସରାୟ, ଲବ ପାତ୍ର, କୃଷ୍ଣ ସେନାପତି, ଜୟ ପ୍ରଧାନଙ୍କ ସହ ସମସ୍ତ ସ୍କ୍ୱାର୍ଡ ଦଳ, ପଞ୍ଚାୟତର ୱାର୍ଡ ମେମ୍ବରଙ୍କ ସହ ଆଲପୁର ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ବନମହୋତ୍ସବ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କବିସୂର୍ଯ୍ୟନଗର,୨।୭(ଡି.ଏନ.ଏ.)- କବିସୂର୍ଯ୍ୟନଗର ଗୁଡ଼ିଆଳି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କିରଣ କୁମାର ରଥଙ୍କୁ ଗୁଡ଼ିଆଳି ଏନ୍‌ୟୁପିଏସ ଓ ଗୁଡ଼ିଆଳି କେଜିବି ଅନ୍ତେବାସୀ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ବିଷ୍ଣୁପ୍ରିୟା ନାୟକ, ମୁଖ୍ୟ ବକ୍ତା ପ୍ରାକ୍ତନ ଏବିଇଓ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଗୁଡ଼ିଆଳି ସରପଞ୍ଚ ଯାଜ୍ଞସିନୀ ଭୂୟାଁ, ଏସ୍‌ଏମ୍‌ସି ସଭାପତି କୁମର ଦାସ, ଶିକ୍ଷକ ବିଜୟ ଚନ୍ଦ୍ର ତ୍ରିପାଠୀ, ରବିନାରାୟଣ ମିଶ୍ର ଓ କୁଞ୍ଜ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ରଥଙ୍କୁ ଉପଢୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂଯୋଜନା ଦିବାକର ଶତପଥୀ କରିଥିବା ବେଳେ ସହଯୋଗ କରିଥିଲେ ରତ୍ନାପ୍ରଭା ପଟ୍ଟନାୟକ, ତ୍ରିଲୋଚନ ବାଡ଼ତ୍ୟା, କାଳୁଚରଣ ଭୂୟାଁ, ଶ୍ରୀନିବାସ ପଣ୍ଡା, ସ୍ନେହଲତା ମହାନ୍ତି, ହୀନ ସେଠୀ, ବିଷ୍ଣୁପ୍ରିୟା ସେଠୀ, ମାମିନୀ ଜେନା ଓ ସମିନା ପାତ୍ର ଏବଂ ୱାର୍ଡେନ ଦିଦି।

### ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ

ଗଞ୍ଜାମ,୨।୭(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ଗ୍ରାମରେ ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଅଜୟ କୁମାର ନାୟକ ପ୍ରମୁଖ ଯୋଗଦେଥିଲେ। ଅତିଥିମାନେ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମନ୍ଦିର ସଭାପତି ଦୀନବନ୍ଧୁ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବିରାଜ ଚନ୍ଦ୍ରୀ, ଭାସ୍କର ନାୟକ, ବିପିନି ବିହାରୀ ନାୟକ, ଶଙ୍କର ନାୟକ, ପୁରୁସ୍ତମ ଚନ୍ଦ୍ରୀ, ଲିଙ୍ଗରାଜ ଚନ୍ଦ୍ରୀ ଓ ସମସ୍ତ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିଲା।

# ଅନୁମତି ଦେଇନି ରେଲୱେ, ବାଧା ରାଜପଥ ସମ୍ପ୍ରସାରଣ

## ଗଞ୍ଜାମ- ପୁରୀ ମେଗା ଜଳଯୋଗାଣ ପ୍ରକଳ୍ପ

ଛତ୍ରପୁର,୨।୭(ଡି.ଏନ.ଏ.)

ଗଞ୍ଜାମ- ପୁରୀ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସାରିବାରେ ସମ୍ପୃକ୍ତ ହାଇଦ୍ରାବାଦର ଜିଭିପିଆର୍ ଇଞ୍ଜିନିୟର୍ସ ଲିମିଟେଡ୍ ଠିକା ସଂସ୍ଥାରେ ଅହେତୁକ ବିଳମ୍ବ କରୁଛି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ନୋଟିସ୍ ଜାରି ହୋଇସାରିଛି। ଅନ୍ୟପକ୍ଷରେ ଏହି ପ୍ରକଳ୍ପ କାମ ଲାଗି ପାଇପ ବିଛାଇବା ପାଇଁ ରେଲୱେ ଓ ଜାତୀୟ ରାଜପଥର କ୍ରସିଂର ଆବଶ୍ୟକତା ପଡୁଛି। ବିଭାଗ ପକ୍ଷରୁ ରେଲୱେ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯିବା ସହ ଏଥିପାଇଁ ସମସ୍ତ ଆବଶ୍ୟକ କାଗଜପତ୍ର ପଠାଯାଇଛି। ତେବେ ଏଯାବତ ରେଲୱେ ବିଭାଗରୁ ଅନୁମତି ମିଳି ନଥିବା ଜଣାପଡ଼ିଛି। ଗଞ୍ଜାମ ଜିଲା ଦେଇ ରେଲୱେ ଲାଇନ୍ ଓ ଜାତୀୟ ରାଜପଥ ଯାଇଛି। ତା ଉପରେ ପାଣି ପାଇପ୍ ଲାଇନ୍‌ର କ୍ରସିଂ ର ଆବଶ୍ୟକତା ପଡ଼ିଛି । ଏଥିଲାଗି ଏନ୍‌ଏଚଏଆଇ କର୍ତ୍ତୃପକ୍ଷ ଅନୁମତି ଦେଇଥିଲେ ହେଁ ଜାତୀୟ ରାଜପଥ ସଂପ୍ରସାରଣ କାମ ସରିବା ପରେ ଏସବୁ ତ୍ୱରାନ୍ୱିତ ହେବ ବୋଲି ବିଭାଗକୁ ଚିଠି ଆସିଛି । ଏହି ପରିପ୍ରେକ୍ଷୀରେ ଉକ୍ତ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଆହୁରି ବିଳମ୍ବିତ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି।

ଗଞ୍ଜାମ ଜିଲାର ଗଞ୍ଜାମ ବ୍ଲକ ଅଧିନ ୭ଟି ପଞ୍ଚାୟତ ଅଧିନ ୫୫ ଗାଁ ଓ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ୧୪ ପଞ୍ଚାୟତ ଅଧିନ ୯୨ ଗ୍ରାମରେ ପାଣି ସମସ୍ୟା ଦୂର ପାଇଁ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାମ ଚାଲିଛି। ଏହି ପ୍ରକଳ୍ପ ପାଇଁ ୨୦୩.୪୬ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ଏହି ପ୍ରକଳ୍ପ କାମ ୨୦୧୮ ଅଗଷ୍ଟ ୨୮ରେ ଆରମ୍ଭ ହୋଇଥିଲା। ପ୍ରଥମେ ଏହା ୨୦୨୦ ଅଗଷ୍ଟ ୨୬ରେ ସାରିବାକୁ ଲକ୍ଷ୍ୟ ରହିଥିଲା । ପରେ ଏହାର ଅବଧିକୁ ୨ ବର୍ଷ ବୃଦ୍ଧି କରାଯାଇ ଚଳିତ ବର୍ଷ ଅଗଷ୍ଟ ୨୬ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଥିଲା। ଜୁନ୍ ୧ରେ ତତ୍କାଳୀନ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଛତ୍ରପୁର ଠାରେ ଅନୁଷ୍ଠିତ ଗଞ୍ଜାମ-ପୁରୀ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକ କରିଥିଲେ। ଏହାପୂର୍ବରୁ ମଧ୍ୟ ବହୁବାର ଏପରି ସମୀକ୍ଷା ବୈଠକ ହୋଇଥିଲା। ଦାସବର୍ମାଙ୍କ ନିଜ ନିର୍ବାଚମଣ୍ଡଳୀ ଅଧିନରେ କୃଷ୍ଣପ୍ରସାଦ ବ୍ଲକ ଯାଉଥିବାରୁ ସେ ଏହାକୁ ଅଧିକ ଧ୍ୟାନ ଦେଉଥିଲେ। ଏବେ ସେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ନାହାନ୍ତି। ତେଣୁ ପ୍ରକଳ୍ପ କାମ କେବେ ସରିବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି ।

### ଶକଳେଶ୍ୱର ରୋଡ ସାହିରେ କୋଠ ଘର ଉଦ୍‌ଘାଟିତ

ଖଲ୍ଲିକୋଟ,୨।୭(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତର ଶକଳେଶ୍ୱର ରୋଡ ସାହିରେ ନୂତନ କୋଠ ଘର ଶୁଭ ଉଦ୍‌ଘାଟନ ଓ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ସାହି ସଭାପତି ଅଭିମନ୍ୟୁ ପାହାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତ ବିରୁପାକ୍ଷ ଦାସଶର୍ମା ଏହାର ପ୍ରତିଷ୍ଠା କରିବା ସହ ଉଦ୍‌ଘାଟନ କରିଥିଲେ। କର୍ତ୍ତା ରୂପେ ଶନିଆ ପାହାନ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଘୃତଯଜ୍ଞ, ଅନ୍ନଯଜ୍ଞ ଓ ନାମ ସଂକୀର୍ତ୍ତନ ପ୍ରଭୃତି ଅନୁଷ୍ଠିତ ହୋଇଥିଲା।

## ଆନନ୍ଦ ବଜାରରେ ସ୍ୱତନ୍ତ୍ର ବ୍ୟବସ୍ଥା




ଆନନ୍ଦ ବଜାର।

ପାରଳାଖେମୁଣ୍ଡି,୨।୭(ଡି.ଏନ୍.)

ପାରଳାଖେମୁଣ୍ଡିରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା’ ସୁଭଦ୍ରା ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି। ଏହି ଅବସରରେ ସେଠାରେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଯାତ୍ରା କମିଟି ପକ୍ଷରୁ ପ୍ରସାଦ ପ୍ରସ୍ତୁତ କରାଯାଇ ପ୍ରତିଦିନ ପ୍ରଥମେ ତିନି ଠାକୁରଙ୍କ ପାଖରେ ଲାଗି କରାଯାଉଛି। ପରେ ଏହାକୁ ଶ୍ରଦ୍ଧାଳୁମାନଙ୍କୁ ପରଷା ଯାଉଛି। ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଏପରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ରଥଯାତ୍ରା ଦେଖିବା ପାଇଁ ବହୁ ଦୂରଦୂରାନ୍ତରୁ ଏବଂ ବିଭିନ୍ନ ଅଧୁଷିତ ଅଞ୍ଚଳରୁ ଏଠାକୁ ଶ୍ରଦ୍ଧାଳୁମାନେ ଆସୁଥିବା ବେଳେ ପ୍ରସାଦ ସେବନର ସୁଯୋଗ ପାଇ ନିଜକୁ ଧନ୍ୟ ମନେକରୁଛନ୍ତି। ସମସ୍ତ କାର୍ଯ୍ୟକ୍ରମରେ ଯାତ୍ରା କମିଟି ପକ୍ଷରୁ ରାମନାଥ ମିଶ୍ର, ବସନ୍ତ ପଣ୍ଡା, ସଞ୍ଜୟ ଅଧିକାରୀ ଓ ମଣ୍ଟୁ ଦାସ ପ୍ରମୁଖ ସହଯୋଗ କରୁଛନ୍ତି।

## ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ଚାରାରୋପଣ



ବୃକ୍ଷ ରୋପଣ।

ରମ୍ଭା,୨।୭

ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ସହରର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରମ୍ଭା – ବିରୁଳିଗଡ ରାସ୍ତାରେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଓ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ– କଲ୍ୟାଣ ସମିତି ସହଯୋଗରେ ବନ ମହୋତ୍ସବ ପାଳିତ ହୋଇଛି। ଶତାଧିକ ଅଶୋକ, ଅର୍ଜୁନ, ଅଁଳା, ନିମ, ବେଲ, ପିଜୁଳି, କଦମ୍ବ, ଓଉ, ଆମ୍ବ, ବାଦାମ, ଅଶ୍ୱସ୍ଥ ଓ ବର ଆଦି ଚାରା ରୋପଣ କରାଯାଇଛି। ବନ ମହୋତ୍ସବରରେ ଜନସାଧାରଣଙ୍କ ମଧ୍ୟରେ ପ୍ରକୃତି ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବୃଦ୍ଧି, ଅବକ୍ଷୟକ୍ଷୁ, ପରିବେଶ ମଣ୍ଡଳର ପୁନରୁଦ୍ଧାର, ଜୈବବିବିଧତାର ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି ସମସ୍ୟାର ନିରାକରଣ, ପ୍ରାକୃତିକ ଦୁର୍ବିପାକ ଓ ମନୁଷ୍ୟକୃତ ପ୍ରଦୂଷଣ ହ୍ରାସ, ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ମୂଲ୍ୟବାନ ପରିବେଶର ପୁନଃ ସ୍ଥାପନା ପାଇଁ ଜନ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ନରସିଂହ ବେହେରା, ସମ୍ମାନିତ ଅତିଥି ଭାବେ ରମ୍ଭା ଏନ୍‌ଏସିର ପ୍ରାକ୍ତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡା, ମୋଚିରମ ବେହେରା, ବୈରାଗୀ ତରାଇ, ଯୋଗଗୁରୁ ରବୀନ୍ଦ୍ର ବେହେରା, ଭୀମସେନ ବେହେରା ଯୋଗଦେଇଥିଲେ। ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋ–କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆ ଏବଂ ପ୍ରକୃତି ବନ୍ଧୁ ଶିକ୍ଷକ ଶେଷଦେବ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯକ୍ରମ ଆୟୋଜିତ ହୋଇଥିଲା।

## ସରପଞ୍ଚଙ୍କ ସିକକେତା ବିଦ୍ୟାଳୟ ପରିଦର୍ଶନ

### ୬୦ ପିଲାଙ୍କୁ ୫ ଶିକ୍ଷୟିତ୍ରୀ ଶିକ୍ଷକ, ଅଧିକାଂଶ ଛାତ୍ରୀଛାତ୍ର ଅନୁପସ୍ଥିତ

ଦାରିଙ୍ଗବାଡ଼ି,୨।୭(ଡି.ଏନ୍.ଏ)

ଦାରିଙ୍ଗବାଡ଼ି ବ୍ଲକ ବାଡ଼ାବାଙ୍ଗା ପଞ୍ଚାୟତ ସିକକେତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସରପଞ୍ଚ ପ୍ରସନ୍ନ ପ୍ରଧାନ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ବିଦ୍ୟାଳୟରେ ଅଧିକାଂଶ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ନେଇ ସରପଞ୍ଚ ଉଦ୍‌ବେଗ ପ୍ରକାଶ କରିବା ସହ କିଭଳି ନିୟମିତ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିବେ ସେ ନେଇ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରୟାସ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ପ୍ରଥମରୁ ଅଷ୍ଟମଯାଏ ମାତ୍ର ୬୦ ଛାତ୍ରୀଛାତ୍ର ରହିଥିବା ବେଳେ ତାଙ୍କୁ ଶିକ୍ଷାଦାନ କରିବା ପାଇଁ ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ରହିଥିବାରୁ ଗୋଟିଏ ଶ୍ରେଣୀ କୋଠାରେ ଦୁଇ ତିନୋଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମିଳିତ ବସାଇ ପାଠ ପଢ଼ାଯାଉଥିବା ସରପଞ୍ଚ ଦେଖି ନିଜ ନିଜ ଶ୍ରେଣୀରେ ପିଲାଙ୍କୁ ବସାଇ ପାଠ ପଢ଼ାଇବାକୁ କହିଥିଲେ। ସେହିପରି ସରପଞ୍ଚ ଶ୍ରେଣୀରେ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଠିକ ଭାବେ ହେଉଛି କି ନାହିଁ ତାହା ପଚାରି ବୁଝିଥିଲେ। ପରେ ସରପଞ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଏକ ଅତିରିକ୍ତ ଶ୍ରେଣୀ କୋଠା ନିର୍ମାଣ କାର୍ଯ୍ୟ ଦେଖିବା ସହ ବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ଛୁଟିରେ ରହିଥିବାରୁ ତାଙ୍କୁ ନିୟମିତ ବିଦ୍ୟାଳୟକୁ ଆସିବାକୁ ପରାମର୍ଶ ଦେବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ସରପଞ୍ଚ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜିଲା ପ୍ରଶାସନର ନିର୍ଦ୍ଦେଶ ପ୍ରକାରେ ଦାରିଙ୍ଗବାଡ଼ି ବିଇଓ ତାଙ୍କୁ ତାଙ୍କ ପଞ୍ଚାୟତର ବିଦ୍ୟାଳୟଗୁଡ଼ିକ ପରିଦର୍ଶନ କରିବାକୁ ନିବେଦନ କରିଥିଲେ। ସେ ତାଙ୍କ ପଞ୍ଚାୟତର ସମସ୍ତ ବିଦ୍ୟାଳୟ ଅତିକମ୍‌ରେ ଦିନକୁ ଦୁଇ ବା ତିନୋଟି ବିଦ୍ୟାଳୟକୁ ସେ ନିୟମିତ ପରିଦର୍ଶନ କରିବା ସହ କିଭଳି ଛାତ୍ରୀଛାତ୍ରଙ୍କୁ ନିୟମିତ ପାଠ ପଢ଼ାଯିବ ଏବଂ ବିଦ୍ୟାଳୟର ମୌଳିକ ସୁବିଧାଗୁଡ଼ିକ ଯୋଗାଇ ଦିଆଯିବ ସେନେଇ ସେ ପଦକ୍ଷେପ ନେବେ ବୋଲି କହିଛନ୍ତି।



ସରପଞ୍ଚ ପ୍ରସନ୍ନ ପ୍ରଧାନ ବିଦ୍ୟାଳୟ ବୁଲି ଦେଖୁଛନ୍ତି।

### ୭ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ସେବା ସମବାୟ ସମିତି

ବୁଗୁଡ଼ା,୨।୭(ଡି.ଏନ୍.ଏ.)

ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ବୁଗୁଡ଼ା ଶାଖା ଅଧୀନରେ ଥିବା ୧୪ ସେବା ସମବାୟ ସମିତି ମଧ୍ୟରୁ ଜୁନ ୨୩ରେ ୩ ସେବା ସମବାୟ ସମିତିର ସଭାପତି ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିଲେ। ଶନିବାର ପୁଣି ୭ ସେବା ସମବାୟ ସମିତିର ସଭାପତିମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ଜୁନ ୨୩ରେ ଅନ୍ତରପଡ଼ା, ପାଙ୍ଗିଡ଼ି ଓ ମୋଟାବାଡ଼ି ସେବା ସମବାୟ ସମିତିର ସଭାପତି ଭାବେ ନିରାକାର ସାମନ୍ତରା, ନନ୍ଦିନୀ ଭୂୟାଁ ଓ ପ୍ରବୀର ଚନ୍ଦ୍ର ଆରୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ଶନିବାର ୭ ସେବା ସମବାୟ ସମିତିର ସଭାପତି ନିମନ୍ତେ ନାମାଙ୍କନ ପତ୍ର ଦାଖଲ ପାଇଁ ସ୍ଥିରୀକୃତ ହୋଇଥିବା ବେଳେ କେବଳ ଜଣେ ଲେଖାଏ ପ୍ରାର୍ଥୀ ସେମାନଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଗୋଳିଆ ସେବା ସମବାୟ ସମିତି ସଭାପତି ଭାବେ ବସନ୍ତ କୁମାର ସାହୁ, ବାଲିପଦରରେ କେ. ଅଶୋକ କୁମାର ପାତ୍ର, ବୁଗୁଡ଼ାରେ ବସନ୍ତ କୁମାର ଦଳାଇ, ଏ. କରଡ଼ାବାଡ଼ିରେ ଭାଗ୍ୟବତୀ ଗୌଡ଼, ବି. କରଡ଼ାବାଡ଼ିରୁ ଗଙ୍ଗାଧର ନାୟକ, ଖୋଳଖୋଳିରୁ ସମ୍ପତ କୁମାର ସାମଲ ଓ ଭାମଶିଆଳି ସେବା ସମବାୟ ସମିତିରୁ କୈଳାସ ଚନ୍ଦ୍ର ରଥ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀମାନେ ଘୋଷଣା କରିଛନ୍ତି।

### ସମବାୟ ସମିତି ନିର୍ବାଚନ, ଜାଗିଲି ସଭାପତି

ଦିଗପହଣ୍ଡି,୧।୭(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କଇଠଡା ଗ୍ରାମର ପ୍ରାଥମିକ ସେବା ସମବାୟ ସମିତିରେ ନୂତନ ସଭାପତି ଭାବେ ଜାଗିଲି ସେଠୀ ଗୁରୁବାର ନିର୍ବାଚିତ ହୋଇଛନ୍ତି। ଜାଗିଲି ସଭାପତି ପଦବୀ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ ମଧ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୌଣସି ନିର୍ଦ୍ଦେଶକ ନାମାଙ୍କନ ଦାଖଲ ନ କରିବା ଫଳରେ ନିର୍ବାଚନ ଅଧିକାରୀ ନିକୁଞ୍ଜ ପାଣିଗ୍ରାହୀ ଜାଗିଲିଙ୍କୁ ସେବା ସମବାୟ ସମିତିର ସଭାପତି ଭାବେ ଘୋଷଣା କରିଥିଲେ। ପୂର୍ବରୁ ୧୫ ଜଣ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ମଧ୍ୟ ନିର୍ବାଚିତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ନବ ନିର୍ବାଚିତ ସଭାପତି ଜାଗିଲିଙ୍କୁ ସମସ୍ତ ସମବାୟ ସମିତିର ନିର୍ଦ୍ଦେଶକ ବୃନ୍ଦ ଏବଂ ସମବାୟ ସମିତି ସମ୍ପାଦକ ଦୁର୍ଗାଚରଣ ଦାସ, ସରପଞ୍ଚ ପ୍ରତିନିଧି ଦେବହରି ଗୌଡ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ଦୋରା, ସମିତି ସଭ୍ୟ ପ୍ରତିନିଧି ଏସ୍ .ବାସୁଦେବ ରେଡ୍ଡୀ, ନାଏବ ସରପଞ୍ଚ ଏସ୍ . ଲକ୍ଷ୍ମଣ ରେଡ୍ଡୀ, ଏସ୍ . ସହଦେବ ରେଡ୍ଡୀ, ଜଗନ୍ନାଥ ପାତ୍ରଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇବା ସହ ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଶ୍ରୀଗୁଣ୍ଡିଚା ଭଜନ ମଣ୍ଡଳୀର ଭଜନ ସମାରୋହ

କବିସୂର୍ଯ୍ୟନଗର,୨।୭(ଡି.ଏନ୍.ଏ.)

କବିସୂର୍ଯ୍ୟନଗର ମାଉସୀମା’ ମନ୍ଦିର ସମ୍ମୁଖରେ ଶ୍ରୀଗୁଣ୍ଡିଚା ଭଜନ ମଣ୍ଡଳୀ ପକ୍ଷରୁ ଗୁଣ୍ଡିଚା ଦିନ ଭଜନ ସମାରୋହ ସଭାପତି କୃପାସିନ୍ଧୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧକ୍ଷା ଏସ୍. ଲକ୍ଷ୍ମୀ ସେଠୀ, ସମ୍ମାନିତ ଅତିଥି ମହାମାୟୀ ଟ୍ରଷ୍ଟ ସଭାପତି ବିଜୟ କୁମାର କହଁର, ଶିଶୁ ଗାଳ୍ପିକ ବିପିନ ବିହାରୀ ଶତପଥୀ, ରସଲ ଦାସ, ପ୍ରଶ୍ନାନାୟକ, ରାଜେନ୍ଦ୍ର ଖଟେଇ, ଦିଲ୍ଲୀପ ସାହୁ, ଏସ୍. ଚେନେୟା, ତ୍ରିଲୋଚନ ପାତ୍ର, ସୁରଜ କୁମାର ରେଡ୍ଡୀ, ଜଗଦୀଶ ମିଶ୍ର, ଦେବୀପ୍ରସାଦ ସ୍ୱାଇଁ ଯୋଗ ଦେଇଥିଲେ। ଘୋଷକ ଶିବାନନ୍ଦ ବାରିକ, ଅର୍ଗନରେ ଜି. ଗଜଲ ପାତ୍ର ଓ ଜି. ଚନ୍ଦନ ପାତ୍ର, ଢୋଲକିରେ ଶମ୍ଭୁ ରାଓ, ତବଲାରେ ଡି. ଲକ୍ଷ୍ମୀନାରାୟଣ ପାତ୍ର, ପେଡରେ ଜି. ନାରାୟଣ ପାତ୍ର, ଆଲୋକ ଶବ୍ଦରେ ଗୁଡ଼ିଆଳିର ସଂଗ୍ରାମ ଶ୍ରମଣ, ସାଜସଜ୍ଜାରେ ମା’ ମହାମାୟୀ ଟ୍ରେଷ୍ଟ ଓ ସହଯୋଗ କରିଥିଲେ ସରଜୁ ପାତ୍ର ଓ ଡି. କୃଷ୍ଣ ଆଚାରୀ। କଣ୍ଠଦାନ କରିଥିଲେ ଲିପି ମହାନ୍ତି, ଶୁଭ୍ରଜ୍ୟୋତି ଶିଳ୍ପା, ସୋନୁ ଜେନା, ମୀନାକ୍ଷୀ ପଣ୍ଡା, ମଧୁସ୍ମିତା ସ୍ୱାଇଁ, ଜିତେନ୍ଦ୍ର ସାହୁ, ସନାତନ ପଣ୍ଡା ଓ ଶିଶୁଗୋପାଳ ସାହୁ। ବିଳମ୍ବିତ ରାତ୍ରିଯାଏ ଶ୍ରୋତାଙ୍କ ଭିଡ଼ ଜମିଥିଲା।

## ମାଉସୀମା’ ମନ୍ଦିର ନିକଟରେ ତିନିରଥ



ତିନିଠାକୁରଙ୍କ ଧାଡ଼ି ପହଣ୍ଡି।

ଜି.ଉଦୟଗିରି,୨।୭ (ଡି.ଏନ୍.ଏ )

ଜି. ଉଦୟଗିରିର ପ୍ରସିଦ୍ଧ ରଥଯାତ୍ରା ଭକ୍ତମାନଙ୍କ ଗହଣରେ ପାଳିତ ହୋଇଛି। ପୂର୍ବରୁ ତିନିଠାକୁରଙ୍କ ପାଇଁ ତିନି ରଥ ନିର୍ମାଣ ପୂର୍ବରୁ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ପରିଚାଳନା କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଉଥିଲା। ଗୋଲାସାହି ତ୍ରିନାଥ ମନ୍ଦିର କମିଟି ତରଫରୁ ଶ୍ରୀଜୀଉଙ୍କୁ ଟାହିଆ ଲାଗି କରାଯାଇଥିଲା। ତିନିଠାକୁରଙ୍କ ଧାଡ଼ି ପହଣ୍ଡି ପରେ ବରିଷ୍ଠ ବ୍ୟବସାୟୀ କେ. ରାମାରାଓ ପାତ୍ର ତିନିରଥରେ ଛେରାପହଁରା କରିଥିଲେ। ସମସ୍ତ ନୀତିକାନ୍ତି ଶେଷ ହେବା ପରେ ରଥଟଣା ଆରମ୍ଭ ହୋଇଥିଲା। ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। ସନ୍ଧ୍ୟାରେ ରଥ ମାଉସୀମା’ ମନ୍ଦିର ନିକଟରେ ପହଞ୍ଚିଥିଲା। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ସଭାପତି ରାଜେନ୍ଦ୍ର ମହାପାତ୍ର, ସମ୍ପାଦକ ସମୀର କୁମାର ପାଢ଼ୀ, କୋଷାଧ୍ୟକ୍ଷ ଅଶୋକ କୁମାର ପାତ୍ରଙ୍କ ସହିତ ସନ୍ତୋଷ କୁମାର ଆଚାର୍ଯ୍ୟ, କାଲୁ ଚରଣ ପଣ୍ଡା, ମିଲୁ ପଣ୍ଡା, ବାଳକୃଷ୍ଣ ପଣ୍ଡା, କୈଳାସ ଚନ୍ଦ୍ର ରଥ ପ୍ରମୁଖ ସହଯୋଗ କରିଥିଲେ।

## କର୍ଦ୍ଦମାକ୍ତ ଅବସ୍ଥାରେ ରାଜରାସ୍ତା



କର୍ଦ୍ଦମାକ୍ତ ଗାରବନ୍ଧା–ଲାବଣ୍ୟଗଡ ରାଜରାସ୍ତା ।

ପାରଳାଖେମୁଣ୍ଡି,୨।୭(ଡି.ଏନ୍.ଏ.)

ଗୋଷାଣୀ ବ୍ଲକ ଗାରବନ୍ଧା–ଲାବଣ୍ୟଗଡ ରାଜ ରାସ୍ତା କର୍ଦ୍ଦମାକ୍ତ ଅବସ୍ଥାରେ ପଡିରହିଛି । ଏହି ରାସ୍ତାର ଏକ ପଖୋରୀ ଖନନ ଲାଗି ବହୁ ଦିନରୁ ଟେଣ୍ଡର ହୋଇଥିଲେ ମଧ୍ୟ ବର୍ଷାଦିନେ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଥିବାରୁ ତୁରନ୍ତ ଏହାକୁ ଖନନ କରାଯାଉଛି । ଅପରପକ୍ଷରେ ବର୍ତ୍ତମାନ ଘୋଷଯାତ୍ରା ଆରମ୍ଭ ହୋଇଥିବାରୁ ପ୍ରଶାସନିକ ବ୍ୟସ୍ତତାର ଫାଇଦା ଉଠାଉ ଠିକାଦାର ଜଣକ ଶନିବାରରୁ ଏହି ଖନନ କାମ ଆରମ୍ଭ କରିଛନ୍ତି । ଏହି ପଖୋରୀ ଖନନ ଯୋଗୁ ଟ୍ରାକ୍ଟର ମାଧ୍ୟମରେ କର୍ଦ୍ଦମାକ୍ତ ସାମଗ୍ରୀ ଗୁଡିକୁ ବୁହାଯାଇ ଅନ୍ୟତ୍ର ପକାଯାଉଛି । ଏହା ରାଜପଥ ଦେଇ ଯାତାୟାତ କରୁଥିବାରୁ ରାସ୍ତାର ପ୍ରାୟ ଅଧିକାଂଶ ସ୍ଥାନ କର୍ଦ୍ଦମାକ୍ତ ହୋଇପଡିଛି। ଫଳରେ ଯାତାୟାତ କରୁଥିବା ଯାନବାହାନ ଗୁଡିକ ଏହି କାଦୁଅ ରାସ୍ତାର ସଂସ୍ପର୍ଷରେ ଆସି ଦୁର୍ଘଟଣାର ଶିକାର ହେଉଛନ୍ତି। ଆଜି ପ୍ରାୟ ୩ରୁ୪ ଗାଡି ଏହି କାଦୁଅ ରାସ୍ତା ଯୋଗୁ ଦୁର୍ଘଟଣା ଘଟିଥିବା ବେଳେ କୌଣସି ଧନଜୀବନ ନଷ୍ଟ ହୋଇ ନାହିଁ । ଏପରି ବର୍ଷା ଦିନରେ ପଖୋରୀ ଖନନ କରାଯାଉଥିବା ଏବଂ ଠିକାଦାର ବେଫିକର ଭାବେ ଲୋକଙ୍କ ଜୀବନ ସହ ଖେଳ ଖେଳି ରାସ୍ତାକୁ କର୍ଦ୍ଦମାକ୍ତ କରୁଥିବାକୁ ନେଇ ସାଧାରଣରେ ନା ପସନ୍ଦ କରାଯାଇଥିବା ବେଳେ ଏପରି କାର୍ଯ୍ୟକୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଶରଧାବାଲି ମେଳାରେ କନ୍ଧମାଳ ହଳଦୀର ଚାହିଦା

ଦାରିଙ୍ଗବାଡ଼ି,୨।୭(ଡି.ଏନ୍.ଏ.)

କନ୍ଧମାଳ ଜିଲାରେ ଜୈବିକ ପଦ୍ଧତିରେ ଉତ୍ପାଦନ କରାଯାଉଥିବା ହଳଦୀର ଚାହିଦା ସମଗ୍ର ବିଶ୍ୱରେ ରହିଥିବା ବେଳେ ଏବେ ରଥଯାତ୍ରା ଅବସରରେ ପୁରୀ ଶରଧାବାଲିରେ ଚାଲିଥିବା ମେଳାରେ ଭଲ ବିକ୍ରି ହେଉଛି। କନ୍ଧମାଳ ପ୍ରଶାସନ ସହାୟତାରେ ଦାରିଙ୍ଗବାଡ଼ି ବ୍ଲକର ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହଳଦୀ ସହ ତେନ୍ତୁଳି, ସୋରିଷ, ମାଣ୍ଡିଆ ଆଦି ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ନେଇ ଉକ୍ତ ମେଳାରେ ବିକ୍ରି କରୁଛନ୍ତି। ସେଠାରେ କନ୍ଧମାଳ ହଳଦୀର ଚାହିଦା ରହିଥିବା ଶୁଭଲକ୍ଷ୍ମୀ ଫୁଡ ଆଣ୍ଡ ସ୍ପାଇସେସ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଝରଣା ସାହୁ କହିଛନ୍ତି। ପୁରୀକୁ ଏବେ ଦୈନିକ ହଜାର ହଜାର ଲୋକ ଆସୁଥିବା ବେଳେ କନ୍ଧମାଳର ସମସ୍ତ ସାମଗ୍ରୀର ଚାହିଦା ଅଧିକ ରହିଛି । ସୂଚନାଯୋଗ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ହଳଦୀ ଗୁଣ୍ଡ ପ୍ରସ୍ତୁତ କରିବା ଲାଗି ପ୍ରଥମେ ହଳଦୀକୁ ଶୁଖାଇ ଚୋପା ବାହାର କରାଯାଏ। ପରେ ତାହାକୁ ଗୁଣ୍ଡ କରି କିଲୋଗ୍ରାମ ଅନୁଯାୟୀ ପ୍ୟାକେଟ କରାଯାଏ। ସେହିପରି ତେନ୍ତୁଳୀରୁ ମଞ୍ଜି ଛଡ଼ାଇ ତାହାକୁ ପ୍ରେସ କରାଯାଇ ପ୍ୟାକେଟ ପ୍ରସ୍ତୁତ ହୁଏ। ସୋରିଷକୁ ମଧ ସଫା କରାଯାଇ ହାଇଜେନିକ ଭାବେ ପ୍ୟାକେଟ କରି ମହିଳା ଗୋଷ୍ଠୀ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ମେଳାରେ ବିକ୍ରି କରିଥାନ୍ତି। ରାଜ୍ୟ ସରକାରଙ୍କ ଓଡ଼ିଶା ରୁରାଲ ଡେଭଲପ୍‌ମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି (ଓଆରଏମ୍‌ଏସ୍) ପକ୍ଷରୁ ମହିଳାମାନଙ୍କୁ ମେଳାରେ କିଭଳି ବିଭିନ୍ନ ସାମଗ୍ରୀ ବିକ୍ରି କରିବେ ସେ ନେଇ ତାଲିମ ସହ ସମସ୍ତ ସହଯୋଗ କରାଯାଉଛି।



ପୁରୀରେ ଚାଲିଥିବା ମେଳାରେ କନ୍ଧମାଳ ହଳଦୀ କିଣିବା ପାଇଁ ଗ୍ରାହକଙ୍କ ଭିଡ଼।

# ଧରାକୋଟ ରାଜପରିବାରର ରୋଚକ ରାଜନୀତି

**ବ୍ରହ୍ମପୁର ଅଫିସ,୨।୭**

- ରାଣୀ-ରାଜା ହୋଇଛନ୍ତି ୭ଥର ବିଧାୟକ
- ଅନନ୍ତ ନାରାୟଣ ଥରେ ଏମ୍‌ପି
- ବ୍ଲକ ଶାସନ କାହାକୁ ଛାଡୁନାହାନ୍ତି

ରାଜ୍ୟରେ ୧୯୫୧-୫୨ରୁ ୨୦୧୯ ମଧ୍ୟରେ ୧୬ ବିଧାନସଭା ନିର୍ବାଚନ ହୋଇଛି। ଗଞ୍ଜାମ ଜିଲା ଧରାକୋଟ ରାଜ ପରିବାରରୁ ୮ ଜଣ ବିଭିନ୍ନ ଦଳରୁ ବିଧାୟିକା ଓ ବିଧାୟକ ହୋଇଥିବା ତଥ୍ୟ ରହିଛି। ଅନ୍ୟପକ୍ଷରେ ଏହି ପରିବାର ରାଜନୈତିକ କ୍ଷମତା ବାନ୍ଧି ରଖିଛନ୍ତି। ଅନୁଗତ ଓ କର୍ମୀଙ୍କୁ ସୁଯୋଗ ଦେଉନାହାନ୍ତି। ରାଜା ଏମପି ହେଲେ ବିଧାୟିକା ହେଉଛନ୍ତି ରାଣୀ। ସେହିପରି ରାଣୀ ବ୍ଲକ ଅଧ୍ୟକ୍ଷ ହେଲେ ଉପାଧ୍ୟକ୍ଷ ହେଉଛନ୍ତି ରାଜା। ୨୦୨୨ ପଞ୍ଚାୟତ ନିର୍ବାଚନରେ ସେଠାର ରାଜ କୁମାରୀ ହୋଇଛନ୍ତି ଧରାକୋଟ ବ୍ଲକ ଅଧ୍ୟକ୍ଷା। ପରିବାରରେ ପୁରୁଷ ନ ଥିବାରୁ ଅନ୍ୟ ଲୋକଙ୍କୁ କରାଯାଇଛି ଉପାଧ୍ୟକ୍ଷ। ଜିଲାର ଅନ୍ୟ କେଉଁଠି ଏଭଳି ରୋଚକ ରାଜନୀତି ନାହିଁ। ଦେଶ ସ୍ୱାଧୀନତା ପରେ ରାଜ ରାଜୁଡ଼ା ଓ ଜମିଦାରି ଶାସନର ଅନ୍ତ ଘଟିଛି। ତଥାପି ବିଭିନ୍ନ ପୂର୍ବ ଗଡ଼ଜାତ ଅଞ୍ଚଳରେ ରାଜ ପରିବାର ପ୍ରତି ଲୋକଙ୍କ ଆନୁଗତ୍ୟ ଏବେ ବି ରହିଛି।

ସୂଚନାଯୋଗ୍ୟ, ୨୦୦୪ ନିର୍ବାଚନ ପର୍ଯ୍ୟନ୍ତ ଧରାକୋଟ ଓ ସୋରଡ଼ା ବ୍ଲକ ଏବଂ ସୋରଡ଼ା ଏନ୍‌ଏସିକୁ ନେଇ



ଗଠିତ ହୋଇଥିଲା ସୋରଡ଼ା ନିର୍ବାଚନ ମଣ୍ଡଳୀ। ପ୍ରଥମେ ୧୯୬୭ ନିର୍ବାଚନରେ ଧରାକୋଟ ରାଜା ଅନନ୍ତ ନାରାୟଣ ସିଂହଦେଓ ସ୍ୱତନ୍ତ୍ର ପାର୍ଟିରୁ ବିଧାୟକ ହୋଇଥିଲେ। ୧୯୭୧ ନିର୍ବାଚନରେ ମଧ୍ୟ ସେ ସ୍ୱତନ୍ତ୍ର ପାର୍ଟିରୁ ଦ୍ୱିତୀୟ ଥର ବିଧାୟକ ହେବା ସହ ତତ୍କାଳୀନ ବିଶ୍ୱନାଥ ଦାସ ମନ୍ତ୍ରୀ ମଣ୍ଡଳରେ କ୍ୟାବିନେଟ ପଦ ପାଇଥିଲେ। ଅନନ୍ତ ୧୯୭୭ ନିର୍ବାଚନରେ ଜନତା ପାର୍ଟିରୁ ସୋରଡ଼ା ବିଧାୟକ ହୋଇଥିଲେ। ୧୯୯୦ ନିର୍ବାଚନରେ ରାଣୀ ଶାନ୍ତି ଦେବୀ ସୋରଡ଼ାରୁ ଜନତା ଦଳର ବିଧାୟିକା ହୋଇଥିବା ବେଳେ ରାଜା ଅନନ୍ତ ଆସିକା ଲୋକସଭା କ୍ଷେତ୍ରରୁ ଏମ୍‌ପି ହେଲେ। ପରବର୍ତ୍ତୀ ୧୯୯୫ ନିର୍ବାଚନରେ ଅନନ୍ତ ନାରାୟଣ ଭାଜପାରୁ ସୋରଡ଼ା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୪ ନିର୍ବାଚନ ବେଳେ ବିଜେଡି ସହ ମେଣ୍ଟ ଥିବାରୁ ସେହି ନିର୍ବାଚନ ମଣ୍ଡଳୀରୁ କିଶୋର ଚନ୍ଦ୍ର ସିଂହଦେଓ ବିଧାୟକ ହୋଇଥିଲେ।

୨୦୦୯ ନିର୍ବାଚନ ବେଳେ ସୀମା ନିର୍ଦ୍ଧାରଣ ଓ ପୁନର୍ଗଠନ ପ୍ରକ୍ରିୟାରେ ସୋରଡ଼ା ଓ ବେଲଗୁଣ୍ଠା ବ୍ଲକ ଏବଂ ଦୁଇଟି ଯାକ ଏନ୍‌ଏସିକୁ ନେଇ ସୋରଡ଼ା ବିଧାନସଭା କ୍ଷେତ୍ର ଗଠନ ହେଲା। ସାନଖେମୁଣ୍ଡି ଓ ଧରାକୋଟ ବ୍ଲକକୁ ନେଇ ହୋଇଛି ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ। ୨୦୦୯ରେ ସାନଖେମୁଣ୍ଡିରୁ ଭାଜପା ବିଧାୟକ ପ୍ରାର୍ଥୀ ଥିଲେ କିଶୋର ଚନ୍ଦ୍ର। ସେ କଂଗ୍ରେସ ପ୍ରାର୍ଥୀଙ୍କ ଦ୍ୱାରା ପରାସ୍ତ ହେଲେ। ୨୦୧୪ ନିର୍ବାଚନ ବେଳେ ଧରାକୋଟ ରାଜ ପରିବାର ଭାଜପା ଛାଡ଼ିଥିଲେ। ତେଣୁ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରି ନିର୍ବାଚିତ ହେଲେ। ୨୦୧୯ ନିର୍ବାଚନରେ ମଧ୍ୟ ନନ୍ଦିନୀ ଶଙ୍ଖ ଦଳରୁ ଲଢ଼ି ପରାଜିତ ହୋଇଥିଲେ। ଏବେ ସେ ଦଳର ମହିଳା ସଂଗଠନର ଉପଦେଷ୍ଟା ଅଛନ୍ତି ଏବଂ ଝିଅ ସୁଲକ୍ଷଣାଙ୍କୁ ବିଜେଡି ରାଜନୀତିରେ ପ୍ରବେଶ କରାଇଛନ୍ତି। ସେ ଧରାକୋଟ ବ୍ଲକ ଅଧ୍ୟକ୍ଷା ହୋଇଛନ୍ତି। ରାଜା ଓ ରାଣୀମାନେ ବିଧାନସଭା ଓ ଲୋସଭାକୁ ନିର୍ବାଚିତ ପରେ ସେହି ସମୟରେ ଧରାକୋଟ ବ୍ଲକରେ କେବଳ ରାଜ ପରିବାର ସଦସ୍ୟ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ହୋଇ ଶାସନ କ୍ଷମତା ନିଜ ଅକ୍ତିଆରରେ ରଖିଥିଲେ। ଆଗାମୀ ଦିନରେ ଏହି ପ୍ରଥା ଅବ୍ୟାହତ ରହିବାର ରାଜନୀତି ବିଶ୍ଳେଷକ ଚର୍ଚ୍ଚା କରୁଛନ୍ତି।

## ସଂକ୍ଷେପରେ

### ଭାଜପା ସ୍ୱାସ୍ଥ୍ୟ ସେଲ୍ ପକ୍ଷରୁ ଡାକ୍ତରଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର ଅଫିସ୍,୨।୭-ଗଞ୍ଜାମ ଜିଲା ଭାଜପା ସ୍ୱାସ୍ଥ୍ୟ ସେଲ ପକ୍ଷରୁ ଶନିବାର ଡାକ୍ତର ଦିବସ ଅବସରରେ ସହରର ବିଭିନ୍ନ ଡାକ୍ତରଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ରାଜୀବ କୁମାର ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଜପା ପକ୍ଷରୁ ଏମ୍‌କେସିଜି କଲେଜ ଅଧକ୍ଷ ଡା. ଅବନୀ କାନ୍ତ ମିଶ୍ର, ସୁପରିଣ୍ଟେଣ୍ଡେଣ୍ଟ ଡା. ସନ୍ତୋଷ କୁମାର ମିଶ୍ର, ଭେଷଜ ବିଭାଗର ଡା. ଚନ୍ଦନ ଗନ୍ତାୟତ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ନିନା ମିଶ୍ର, ନିଶ୍ଚେତକ ବିଭାଗ ଡା. ଦେବବ୍ରତ ଶର୍ମା, ସହରର ଅନ୍ୟତମ ବରିଷ୍ଠ ଡାକ୍ତର ସୁବାସ ସାହୁ ଓ ଡା. ଅମୁଲ୍ୟ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା କାହ୍ନୁ ଚରଣ ପତି, ଜିଲା ଉପସଭାପତି ରାମ କୁମାର ପାତ୍ର, ସାଧାରଣ ସମ୍ପାଦକ ପ୍ରଭାତ ଷଡଙ୍ଗୀ, ଏନ. ରାଜେନ୍ଦ୍ର କୁମାର, ସମ୍ପାଦକ ବାଳକୃଷ୍ଣ ସାମନ୍ତରା, ଯୁବ ସମାଜିକକର୍ମୀ ଅମ୍ବିକା ପଣ୍ଡା ଓ କୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କ ଅଶ୍ଳୀଳ ଭିଡିଓ ଉତ୍ତୋଳନ, ଯୁବକ ଗିରଫ

**ଗୋପାଳପୁର,୨।୭(ଡିଏନଏ):** ଏକ ବେଆଇନ କ୍ଲିନିକରେ ଜଣେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଉତ୍ତୋଳନ କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ଇଚ୍ଛାପୁର ଅଞ୍ଚଳର ଆର.ନବୀନ। ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ମହିଳା ଜଣଙ୍କ ତାଙ୍କ ଅସୁସ୍ଥ ସ୍ୱାମୀଙ୍କ ଚିକିତ୍ସା ପାଇଁ ଗତ ୨୮ ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ସୋଲା ରୋଡ-ଯାଗପୁର ରାସ୍ତାରେ ଥିବା ସୁରେଶ କ୍ଲିନିକକୁ ଆସିଥିଲେ। ଗୁରୁବାର ସକାଳେ ମହିଳା ଜଣକ ଗାଧୋଉଥିବା ବେଳେ ଉକ୍ତ କ୍ଲିନିକର ଆଟେଣ୍ଡାଣ୍ଟ୍ ନବୀନ ଭିଡିଓ ଓ ଫଟୋ ଉତ୍ତୋଳନ କରୁଥିବା ଦେଖିବା ପରେ ଚିତ୍କାର କରିଥିଲେ। ସେଠାରେ ଥିବା ଲୋକମାନେ ନବୀନଙ୍କୁ କାବୁ କରିଥିଲେ। ଏ ନେଇ ମହିଳା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନଂ-୨୨୪/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ନବୀନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୂଚନା ଥାଉ କି, ସୋଲା ରୋଡ-ଯାଗପୁର ରାସ୍ତାରେ ଏହି ବେଆଇନ କ୍ଲିନିକରେ ନାନାଦି ବେଆଇନ କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି।

### ମନ୍ଦିର ନିର୍ମାଣାର୍ଥେ ଭୂମି, ଶଙ୍ଖମ ଶିଳା ପୂଜା



**ରମ୍ଭା,୨।୭:** ସ୍ଥାନୀୟ ମେଡିକାଲ ଛକ ସମ୍ମୁଖରେ ଶ୍ରୀ ମା ବାସବୀ କନ୍ୟକା ପରମେଶ୍ୱରୀଙ୍କ ନୂତନ ମନ୍ଦିର ନିର୍ମାଣ ଉପଲକ୍ଷେ ଭୂମି ପୂଜା ଓ କ୍ରିଷ୍ଣା ଶୀଳା ଶଙ୍ଖମ ପ୍ରତିଷ୍ଠା ଓ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଆଧାତ୍ମିକ ପରିବେଶ ମଧ୍ୟରେ ୯ ଜଣ ଦମ୍ପତି କଙ୍କଣ ଧାରଣ କରି କର୍ତ୍ତା ରୂପେ ଏକ ସୁସଜ୍ଜିତ ରକମର ବସ୍ତ୍ର ଧାରଣ କରି ଅଧିଷ୍ଠିତ ହୋଇଥିଲେ। ତତ୍ ସଙ୍ଗେ ସଙ୍ଗେ ଖଲ୍ଲିକୋଟ ଅଞ୍ଚଳ କଳିଙ୍ଗ ବୈଶ୍ୟ ସଂଘର ସଭାପତି ତାଲାସୁ କେଦାର ନାଥ ସୁବୁଦ୍ଧି ଓ ରୀନା ସୁବୁଦ୍ଧି, ସମ୍ପାଦକ ତାଲାସୁ ନଗିନ କୁମାର ସେନାପତି ଓ ସବିତା ସେନାପତି, ସଭ୍ୟ କେ. ରାମରାଓ, ଏମ୍ ନରସିଂହ ସୁବୁଦ୍ଧି, ଟି ଗୋପାଳ କୃଷ୍ଣ ସେନାପତି, କେ ସୁଶାନ୍ତ କୁମାର ପାତ୍ର, ଟି ରାଜେନ୍ଦ୍ର କୁମାର ସେନାପତି, ପି ଅଶୋକ କୁମାର ପୃଷ୍ଟି, କେ ଦିଲ୍ଲୀପ କୁମାର ପାତ୍ର, ଶେଷରେ ପି. ରାଜେନ୍ଦ୍ର ପୃଷ୍ଟି ପ୍ରମୁଖ ମୁଖ୍ୟାଂଶରେ ରହିଥିଲେ। କାର୍ଯ୍ୟକ୍ରମକୁ ସକ୍ରିୟ ଭାବେ ଟି ଦିଲ୍ଲୀପ କୁମାର ସେନାପତି, ପ୍ରସାଦ ରାଓ ପୃଷ୍ଟି, କେ ସୁଶାନ୍ତ କୁମାର ସେନାପତି, ଗଣେଶ ସୁବୁଦ୍ଧି, ଶଙ୍କର ନାରାୟଣ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମାପନ କରି ପ୍ରସାଦ ସେବନ କରିଥିଲେ।

## ଯୌତୁକ ଦାବିରେ ମହିଳାଙ୍କୁ ନିର୍ଯାତନା

**ବ୍ରହ୍ମପୁର ଅଫିସ,୨।୭**

### ଗିରଫ ସ୍ୱାମୀ କୋର୍ଟ ଚାଲାଣ

ସ୍ତ୍ରୀକୁ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଉଛନ୍ତି କଲିକତା ଆରଏନଟି ପଥ'ର ହେମନ୍ତ ପାତ୍ରଙ୍କ ପୁଅ ପ୍ରସାଦ ପାତ୍ର(୩୫)। ସେ ଜଣେ ସେନା କର୍ମଚାରୀ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ପୋଲିସ ନମ୍ବର ୨୮୩/୨୨ରେ ମାମଲା ରୁଜୁ କରି ହେମନ୍ତଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରିଥିବା କହିଛି।



ପ୍ରକାଶ ଯେ, ୨୦୧୫ରେ ସଦର ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମର ଯୁଗୀ ପାତ୍ରଙ୍କ ଝିଅ ସାଗରିକା ପାତ୍ରଙ୍କୁ କଲିକତାର ପ୍ରସାଦ ପାତ୍ର ବିବାହ କରିଥିଲେ। ବିବାହ ପରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପରେ ସାଗରିକାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକ ଅଧିକ ଯୌତୁକ ଦାବିରେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଫଳରେ ସାଗରିକା ତାଙ୍କ ବାପ ଘରକୁ ଆସିଥିଲେ। ପ୍ରସାଦ ଓ ତାଙ୍କ ବାପା ହେମନ୍ତ ଶୁକ୍ରବାର ଟିକରପଡା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ସାଗରିକାଙ୍କୁ ସ୍ୱାମୀ ଓ ଶ୍ୱଶୁର ଗାଳି ଗୁଲଜ କରିବା ସହ ତାଙ୍କ ବାପାଙ୍କୁ ଆକ୍ରମଣ କରିଥିଲେ। ପରେ ମହିଳା ଜଣକ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।

## ୧୩ରୁ ବିଜେଡି ସମର୍ଥିତ ୧୨ ପ୍ରାର୍ଥୀ ବିଜୟୀ



ବୀରେନ୍ଦ୍ର ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

**ଭଞ୍ଜନଗର,୨।୭(ଡି.ଏନ.ଏ.)**

### ସମବାୟ ସମିତି ସଭାପତି ନିର୍ବାଚନ

ଭଞ୍ଜନଗର ବ୍ଲକ ୧୩ଟି ସେବା ସମବାୟ ସମିତିର ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ହୋଇଥିଲା। ଏଥିରେ ଶାସକ ବିଜେଡି ସମର୍ଥିତ ୧୨ ଜଣ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଆଉ ଜଣେ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ଶନିବାର ୬ଟି ସମିତିର ସଭାପତି ନିର୍ବାଚନ ହୋଇଥିଲା। ଜିଲୁଣ୍ଡି ସେବା ସମବାୟ ସମିତିର ସଭାପତି ଭାବେ ପୂର୍ବତନ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ବୀରେନ୍ଦ୍ର କେଶରୀ ଆରୁଖ ନିର୍ବାଚିତ ହୋଇଛନ୍ତି। ସେହପରି ବଡକୋଦଣ୍ଡାର ସଚ୍ଚିଦାନନ୍ଦ ପ୍ରଧାନ, କୁଲାଡ଼ର ପ୍ରକାଶ ପାଣିଗ୍ରାହୀ, ଦୋମୁହାଁଣିର ରାଜ କିଶୋର ସାହୁ, ଲାଲସିଂର ମନୋରଞ୍ଜନ ମହାପାତ୍ର, ସାନକୋଦଣ୍ଡାର ଓମ୍‌କାରନାଥ ଜେନା, ମୁଜାଗଡ ସୁବଳ ଦଳବେହେରା, ତିଲିସିଙ୍ଗିର ହରିହର ଦିହୁଡି, ଗୁଜରାଲିର ସୁଦର୍ଶନ ଗୌଡ, ଲେମ୍ବଇର ଦେବଦତ୍ତ ପ୍ରଧାନ, ବ୍ରାହ୍ମଣପଦରର ଉମାଚରଣ ସ୍ୱାଇଁ, ଢୋଲପିଟାର ସୁବାସ ଗୌଡ, ଗାଲେରିର ସରୋଜ କୁମାର ଗୌଡ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହାପରେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ନିର୍ବାଚନ ହେବ। ଏଥିରେ ବିଭିନ୍ନ ସୋସାଇଟିର ସଭାପତିମାନେ ନିର୍ବାଚନରେ ଭାଗ ନେବେ।

## ସମବାୟ ସମିତି ସଭାପତି ନିର୍ବାଚନ

**ଆସିକା,୨।୭(ଡି.ଏନ.ଏ.)**

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ସଦର ଶାଖା ଅନ୍ତର୍ଗତ ୮ଟି ସେବା ସମବାୟ ସମିତିର ସଭାପତି ନିର୍ବାଚନ ଲାଗି ଶନିବାର ନାମାଙ୍କନ ଦାଖଲ ହୋଇଥିଲା। ତେବେ ଏଥି ମଧ୍ୟରୁ ୭ଟିରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱି ରହିଥିଲା ବେଳେ ଗୋଟିଏ ସମିତିର ନିର୍ବାଚନ ହେବ ବୋଲି ଜଣାପଡିଛି। ଅପ୍ରତିଦ୍ୱନ୍ଦ୍ୱି ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ଦେବଭୂମି ସେବା ସମବାୟ ସମିତିରୁ ବିଜୟ କୁମାର ଦଳାଇ, ମଙ୍ଗଳପୁର ସେବା ସମବାୟ ସମିତିରୁ ପ୍ରମୋଦ କୁମାର ନାହାକ, ନଳବଣ୍ଟା ସେବା ସମବାୟ ସମିତିରୁ ଜିତେନ୍ଦ୍ର କୁମାର ବିଷୋୟୀ, ବରଗାଁରୁ ସୋମନାଥ ପଣ୍ଡା, ଘଟକୁରୀ ସେବା ସମବାୟ ସମିତିରୁ ଯୋଗିନ୍ଦ୍ର ନାହାକ, ବଡଖୋଲି ସେବା ସମବାୟ ସମିତିରୁ ବିଜୟ କୁମାର ନାହାକ ଓ ଗହଙ୍ଗୁ ସେବା ସମବାୟ ସମିତିରୁ ଜ୍ୟୋତ୍ସ୍ନାରାଣୀ ସାମଲ ଅଛନ୍ତି। ତେବେ ପାଣ୍ଡିଆପଥର ସେବା ସମବାୟ ସମିତିରେ ସଭାପତି ଲାଗି ୨ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ ରବିବାର ନିର୍ବାଚନ ହେବ ।

## ସୁନାପୁର ସେବା ସମବାୟ ସମିତି ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଚିକିଟି,୨।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ସୁନାପୁର ସେବା ସମବାୟ ସମିତିର ନିର୍ବାଚନ ଶନିବାର ଶେଷ ହୋଇଛି। ଗତ ଜୁନ ୧୦ ତାରିଖରେ ନିର୍ବାଚନ ପାଇଁ ନାମାଙ୍କନ ତାରିଖ ରହିଥିଲା। କିନ୍ତୁ ସେହିଦିନ କେହି ନାମାଙ୍କନ ଦାଖଲ ନ କରିବାରୁ ତାହା ଜୁଲାଇ ୨ ତାରିଖକୁ ଘୁଞ୍ଚା ଯାଇଥିଲା। ଶନିବାର ସୁନାପୁର ଗ୍ରାମ ମୁଖିଆ ମିତ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସୁନାପୁର ସମବାୟ ସମିତିର ସମ୍ପାଦକ ସତ୍ୟ ନାରାୟଣ ପ୍ରଧାନଙ୍କ ଉପସ୍ଥିତିରେ ନିର୍ବାଚନ ସରିଛି। ନିର୍ବାଚନ ଅଧିକାରୀ ରୂପେ ଦଣ୍ଡପାଣି ମହାରଣା କାର୍ଯ୍ୟ ନିର୍ବାହ କରିଥିଲେ। ପୂର୍ବସୂଚୀ ଅନୁଯାୟୀ ଶନିବାର ନାମାଙ୍କନ ଦିବସରେ ଅନ୍ୟକେହି ନାମାଙ୍କନ ଦାଖଲ ନକରିବାରୁ ଜି. କ୍ରିଷ୍ଣା ରାଓ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚତ ହୋଇଛନ୍ତି। ସେହିପରି ସମସ୍ତ ୧୨ ନିର୍ଦ୍ଦେଶକ ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଛନ୍ତି।

## ଆଙ୍କୁଲି ନିଗମ ନଗରରେ ବନ ମହୋତ୍ସବ



ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ମେୟର ଓ ଅନ୍ୟମାନେ ।

**ବ୍ରହ୍ମପୁର ଅଫିସ,୨।୭**

ବ୍ରହ୍ମପୁର ଶିଳ୍ପାଞ୍ଚଳ ଆଙ୍କୁଲିରେ ଶନିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ନିଗମ ନଗର ଷଷ୍ଠ ସରଣୀରେ ବ୍ୟାପକ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୃକ୍ଷବନ୍ଧୁ ତଥା ବିଜେଡି ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା ଏହାକୁ ସଂଯୋଜନା କରିଥିଲେ। ବିଭିନ୍ନ କିସମର ଚାରା ଲଗାଯାଇଥିଲା। ଏହାର ସୁରକ୍ଷା ନିମନ୍ତେ ଅଞ୍ଚଳବାସୀଙ୍କୁ ଆହ୍ୱାନ ଦିଆଯାଇଥିଲା। କର୍ପୋରେଟର ଭାଗୀରଥି ମହାରଣା, ମଳୟ ବିଷୋୟୀ, ବିଜେଡି ନେତା ଟି.ଗୋପୀ, ସାମାଜିକ କର୍ମୀ ସୁଦାମ ଦାସ, କୈଳାସ ପଟ୍ଟନାୟକ, ସୁରେଶ ତ୍ରିପାଠୀ, ପ୍ରଦୀପ ନାୟକଙ୍କ ସମେତ ନିଗମ ନଗରବାସୀ ଯୋଗ ଦେଇଥିଲେ। ବର୍ଷା ଦିନରେ ରେଶମ ନଗରୀର ସବୁ ୱାର୍ଡରେ ବୃକ୍ଷରୋପଣ କରାଯିବାର ସୁବାସ ମହାରଣା ସୂଚାଇଥିଲେ।

## ବୃଦ୍ଧାଙ୍କ ଜାଲ୍ ଦସ୍ତଖତ କରି ଜମି ବିକ୍ରି

**ବ୍ରହ୍ମପୁର ଅଫିସ,୨।୭**

### ବଢୁଛି ଜମି ଦୁର୍ନୀତି

ବ୍ରହ୍ମପୁର ସହରରେ ଏବେ ଜମି ଦୁର୍ନୀତି ବଢ଼ିବାରେ ଲାଗିଛି। ଏହି ଧାରାରେ ଜନୈକା ବୃଦ୍ଧାଙ୍କ ନାମରେ ଥିବା ଏକ ଜମିକୁ ଜାଲ୍ ଦସ୍ତଖତ କରି ଅନ୍ୟଜଣଙ୍କୁ ବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ବୃଦ୍ଧା ଜଣଙ୍କ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୮୫/୨୨ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ନିମଖଣ୍ଡି ଗ୍ରାମର ପୁନିଆ ସାହୁ ଓ ଜଗନ୍ନାଥ ସାହୁଙ୍କ ନାମରେ କୁକୁଡ଼ାଖଣ୍ଡି ତହସିଲ ଅଧିନ ନିମଖଣ୍ଡି ମୌଜାରେ ୦.୪୨୫ ଡ଼ିସିମିଲର ଏକ ଜମି ରହିଛି। କିନ୍ତୁ କିଛି ବର୍ଷ ପୂର୍ବେ ଜଗନ୍ନାଥ ଓ ତାଙ୍କ ପୁଅ ରିଷିକେଶ ପୁନିଆଙ୍କ ଜାଲ୍ ଦସ୍ତଖତ କରି ଶୈଳେନ୍ଦ୍ର କୁମାର ସାହୁଙ୍କୁ ବିକ୍ରି କରିଥିବା ଅଭିଯୋଗ ହୋଇଛି। ରିଷିକେଶ ବିକ୍ରୀ ଦଲିଲରେ ତାଙ୍କ ନିଜର ଫଟୋ ଲଗାଇଥିବା ବେଳେ ପୁନିଆଙ୍କ ନାମରେ ଜାଲ୍ ଦସ୍ତଖତ କରି ଉଭୟ ବାପ ପୁଅ ତାଙ୍କ ଅଜାଣତରେ ଉକ୍ତ ଜମି ବିକ୍ରି କରିଥିବା ଅଭିଯୋଗ ହୋଇଛି। କିଛି ଦିନ ହେବ ପୁନିଆଙ୍କ ଶରୀର ଅସୁସ୍ଥ ରହିବାରୁ ଅଧିକ ଚିକିତ୍ସା ନିମନ୍ତେ ବାହାରକୁ ଯିବାକୁ ଉକ୍ତ ଜମି ବିକ୍ରି କରିବାକୁ ସେ ଭାବିଥିଲେ। ପୁନିଆ ଜମି ନକଲ ଦଲିଲ ବାହାର କରିବା ସମୟରେ ତାଙ୍କ ନାମରେ ଥିବା ଜମି ଅନ୍ୟ ଜଣଙ୍କୁ ବିକ୍ରି ହୋଇ ସାରିଥିବା ଜାଣିବାକୁ ପାଇଥିଲେ। ପରେ ସେ ଏନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି।

## ବିଏମ୍‌ସି ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍ ସଫେଇ



ସଫେଇ ଅଭିଯାନରେ ଉପସ୍ଥିତ ବ୍ରହ୍ମପୁର ଏମ୍‌ପି, ମେୟର ଓ ବିଏମ୍‌ସି ପଦାଧିକାରୀ।

**ବ୍ରହ୍ମପୁର ଅଫିସ,୨।୭**

### ୨୦ ସ୍ଥାନ ଚିହ୍ନଟ

ବର୍ଷା ଦିନରେ ସହରକୁ ଜଳବନ୍ଦୀରୁ ମୁକ୍ତ କରିବା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶନିବାର ଡ୍ରେନ୍ ସଫେଇ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ସହରର ୨୦ଟି ପ୍ରମୁଖ ସ୍ଥାନକୁ ସାମିଲ କରାଯାଇଛି। ଏହି ସ୍ଥାନ ଗୁଡିକରେ ଡ୍ରେନ ସଫେଇ ସହ ପଙ୍କ ଉଦ୍ଧାର କରାଯିବା ପାଇଁ ବିଏମ୍‌ସି ପକ୍ଷରୁ କୁହାଯାଇଛି। ଏହି ମର୍ମରେ ଶନିବାର ୧୮ନଂ.ୱାର୍ଡ ଅନ୍ତର୍ଗତ କର୍ପୋରେଶନ ରୋଡଠାରୁ ସଫେଇ ଅଭିଯାନ ଆରମ୍ଭ ହୋଇଥିଲା। ଏହି ଅଭିଯାନରେ ୧୦୦ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସହ ସୁରକ୍ଷା ଉପକରଣ ମଧ୍ୟ ଯୋଗାଇ ଦିଆଯାଇଛି। ଅଭିଯାନରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ବିଏମ୍‌ସି କମିଶନର ଜେ.ସୋନାଲ ଓ ନିର୍ବାହୀ ଯନ୍ତ୍ରୀ-୨ ସୀମାଞ୍ଚଳ ଷଡଙ୍ଗୀଙ୍କ ସମେତ ବିଏମସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

ଏଭଳି ଭାବେ ଆଗାମୀ ଦିନରେ ୩୩ ନଂ ୱାର୍ଡ ଅନ୍ତର୍ଗତ ଗଜପତି ନଗର, ନୀଳାଞ୍ଚଳ ନଗର, ଅଳକାପୁରୀ, ଆଇଟିଆଇ ପଛ ପାର୍ଶ୍ୱ, ବାଞ୍ଛାନିଧି ନଗର ଓ ଖୋଡାସିଙ୍ଗି ମୁଖ୍ୟ ଡ୍ରେନ୍ ଓ କଲଭର୍ଟ, ୱାର୍ଡ ନଂ-୨ ଓ ୩ ଅନ୍ତର୍ଗତ ହରିଡାଖଣ୍ଡି ଜଙ୍କସନଠାରୁ ଲକ୍ଷ୍ମୀନୃସିଂହ ନଗର ୧୩ ଲେନ ଯାଏ, ୪ ନଂ. ୱାର୍ଡ ଅନ୍ତର୍ଗତ ପାଣିଗ୍ରାହୀ ନଗର, କାଳୁଆ ସାହି, କାଶିନଗର, ବର୍ମା କଲୋନୀ ଓ ରଘୁପତି ନଗର ମୁଖ୍ୟ ଡ୍ରେନ, ୯ନଂ ୱାର୍ଡ ଅନ୍ତର୍ଗତ ଜଗବନ୍ଧୁ ସାହି ଡ୍ରେନ୍, ୧୧ ନଂ. ୱାର୍ଡ ଅନ୍ତର୍ଗତ ଠାକୁରାଣୀ ମନ୍ଦିର ସାହି, ୧୨ ନଂ. ୱାର୍ଡ ଅନ୍ତର୍ଗତ ପ୍ରେମ ନଗର ୭ମ ଲେନଠାରୁ ହାଉସିଂ ବୋର୍ଡ ଓ ପୁରୁଷୋତ୍ତମ ନଗର ପଛ ପାର୍ଶ୍ୱ ଡ୍ରେନ୍, ୧୪ ନଂ ୱାର୍ଡ ଅନ୍ତର୍ଗତ ପ୍ରେମନଗର ଡ୍ରେନଠାରୁ ଆମ୍ବ ମାର୍କେଟ, ୩୨ ନଂ ୱାର୍ଡ ଅନ୍ତର୍ଗତ ଭାବାନଗର ମୁଖ୍ୟ ଡ୍ରେନ୍, ୩୬ ନଂ. ୱାର୍ଡ ଅନ୍ତର୍ଗତ ସୂର୍ଯ୍ୟନଗର ୧ମ ଲେନରୁ ୨ୟ ଲେନ ଓ ୪୦ ନଂ. ୱାର୍ଡ ଅନ୍ତର୍ଗତ ଆଙ୍କୁଲିଠାରୁ ଆରୁଆପଲୀ ଅଞ୍ଚଳରେ ଥିବା ଡ୍ରେନ୍ ସଫେଇ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ଏ ନେଇ ମେୟର କହିଛନ୍ତି, କୃତ୍ରିମ ବନ୍ୟାରୁ ସହରକୁ ମୁକ୍ତ କରିବା ପାଇଁ ସହରବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ଏଣୁ ପ୍ରଥମେ ମୁଖ୍ୟ ରାସ୍ତା ଓ ପରେ ଗଳି କନ୍ଦିରେ ରହିଥିବା ଡ୍ରେନ୍ ସଫା ହେବ। ଯଦିଓ ଆଗାମୀ ଦିନରେ ଅନ୍ୟ ସ୍ଥାନ ଗୁଡିକରେ ଜଳବନ୍ଦୀ ସମସ୍ୟା ଦେଖାଦିଏ ତେବେ ସଫେଇ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମେୟର କହିଛନ୍ତି।

## ଏନ୍‌ଏସ୍‌ଏସ୍ ପକ୍ଷରୁ ବନ ମହୋତ୍ସବ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର ଅଫିସ,୨।୭**

ବନମହୋତ୍ସବ ସପ୍ତାହ ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଦାଶ ଚାରା ରୋପଣ କରି ବନମହୋତ୍ସବ ସପ୍ତାହର ଶୁଭାରମ୍ଭ କରି କ୍ୟାମ୍ପସକୁ ସୁବଜ ସୁନ୍ଦର କରିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀ ଓ କର୍ମଚାରୀ ଗୋଟିଏ ଲେଖାଏ ଗଛକୁ ପୋଷ୍ୟ ବୃକ୍ଷ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଜିଲା ବନ ଅଧିକାରୀ ଅମ୍ଲାନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରଫେସର ଡ଼.ଧ୍ରୁବ ଚରଣ ପଣ୍ଡା, ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ରଣଜିତ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ ମହାନ୍ତି, ୱାର୍ଡେନ୍ ପ୍ରଫେସର ସୁଶାନ୍ତ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଓ ବନ ଅଧିକାରୀମାନେ କ୍ୟାମ୍ପସ ପରିସରରେ ଚାରାରୋପଣ କରିବା ସହ ବନମହୋତ୍ସବ କାର୍ଯ୍ୟକ୍ରମର ଆବଶ୍ୟକତା ଓ ଚାରା ରୋପଣର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସ୍‌ଏସ୍ ବ୍ୟୁରୋ ସଂଯୋଜକ ପ୍ରଫେସର ଜୟନ୍ତ କୁମାର ପଣ୍ଡା ପରିଚାଳନା କରିଥିଲେ। ଏନ୍‌ଏସ୍‌ଏସ୍ ୟୁନିଟ୍ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଇକ୍‌ବାଲ ଅହମ୍ମଦ ଭଟ୍ଟ, ଡକ୍ଟର ଭରତ କୁମାର ଲାକ୍ରା ଓ ଅଲିତା ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ।




ପ୍ରଫେସର ଦାଶଙ୍କ ଦ୍ୱାରା ଚାରା ରୋପଣ କରାଯାଉଛି ।

## ସଂକ୍ଷେପରେ

### ବସ୍ ଧକ୍କାରେ ୨ ଗୋରୁ ମୃତ, ଗୋଟିଏ ଗୁରୁତର

ଏମ୍‌ଭି ୭୯,୨।୭(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଲା ବ୍ଲକ କୁନନପାଲି ଗ୍ରାମ ଛକଠାରେ ଶନିବାର ଭୋର ସମୟରେ ଏକ ବସ୍ ଧକ୍କାରେ ୨ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋଟିଏ ଗୁରୁତର ହୋଇଛି। ଗୋରୁ ରାସ୍ତାରେ ଶୋଇଥିବା ବେଳେ ହାଇଦ୍ରାବାଦରୁ ଫେରୁଥିବା ଏକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ୨ଟି ଗୋରୁଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଗୋଟିଏ ବାଛୁରୀ ଗୁରୁତର ହୋଇଥିଲା। ରାସ୍ତାରେ ଦୀର୍ଘ ସମୟ ଧରି ମୃତ ଗୋରୁ ପଡିରହିଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ କୌଣସି ପକ୍ଷେପ ନିଆଯାଇ ନ ଥିଲା । ତେବେ ଏହି ଗୋରୁଗୁଡିକ କାହାର ତାହା ଜଣାପଡ଼ି ନାହିଁ।

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଜୟପୁର, ୨।୭ (ନି.ପ୍ର.)-ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି ଜୟନଗରର ସୁବାସ ଚନ୍ଦ୍ର ନାୟକ । ଜୟନଗରର ସହଦେବ ପାଢୀ ଓ ସୁବାସ ଏକ ବାଇକ୍ ଯୋଗେ ଆସୁଥିବା ବେଳେ ବିଷେଇପୁଟ ଛକ ନିକଟରେ ସେମାନଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଏଥିରେ ସୁବାସ(୭୮)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ସହଦେବ ଆହତ ହୋଇଛନ୍ତି । ଏନେଇ ସଦର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ବ୍ୟବସାୟୀଙ୍କ ଆତ୍ମହତ୍ୟା

ଦାମନଯୋଡି:୨।୭ (ଡି.ଏନ.ଏ.)- ସୁନାବେଡ଼ା ଥାନା ଅନ୍ତର୍ଗତ ଭେଜାପୁଟର ଜଣେ ବ୍ୟବସାୟୀ ଶୁକ୍ରବାର ସନ୍ଧ୍ୟାରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ରଞ୍ଜିତ କୁମାର ସାହୁ (୪୨)। ସେ ଦୀର୍ଘ ବର୍ଷ ଧରି ଭେଜାପୁଟ ବଜାରରେ କ୍ଷୀର,ଦହି, ଛତୁ ଆଦି ବ୍ୟବସାୟ କରି ଆସୁଥିଲେ। ଗତକାଲି ସନ୍ଧ୍ୟାରେ ସେ ନିଜ ଘରେ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଶନିବାର ସୁନାବେଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ଶବ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବଜ୍ରପାତରେ ୩ ଗୁରୁତର

ପାପଡ଼ାହାଣ୍ଡି,୨।୭ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକର ପୃଥକ୍ ସ୍ଥାନରେ ଶନିବାର ବଜ୍ରପାତରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପାତ୍ରୀ ପଞ୍ଚାୟତ ଜବାଗୁଡ଼ା ଗ୍ରାମର ରବି ଚନ୍ଦ୍ର ଜାନି(୯), ତୁମ୍ବର୍ଲା ପଞ୍ଚାୟତ ଗୋବର୍ଲା ଗ୍ରାମର ବୁଟି ପୂଜାରୀ ଏବଂ ଦୀର୍ଯ୍ୟ ନାୟକ।ସୂଚନା ଅନୁଯାୟୀ, ବର୍ଷା ଯୋଗୁ ଖାଲୁଆ ଜମିରେ ପାଣି ଜମି ରହିଛି। ରବି ଜମିକୁ ଗାଧୋଇବାକୁ ଯାଇଥିବାବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେହିପରି ତୁମ୍ବର୍ଲା ପଞ୍ଚାୟତ ଗୋବର୍ଲା ଗ୍ରାମରେ ବୁଟି ଓ ଦୀର୍ଯ୍ୟ ଜମିରେ ଚାଷ କାମ କରୁଥିବାବେଳେ ବର୍ଷା ଯୋଗୁ ଗୋଟିଏ ଛତା ତଳେ ଦୁହେଁ ଛିଡ଼ା ହୋଇଥିଲେ। ଏହି ସମୟରେ ବଜ୍ରପାତ ଯୋଗୁ ଉଭୟେ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ମଧ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ୬ ଟ୍ରାନ୍ସଫର୍ମର ଚୋର ଗିରଫ




ପାପଡାହାଣ୍ଡି,୨।୭(ଡି.ଏନ.ଏ.)- ରାତାରାତି ଗାଁ ଗାଁ ବୁଲି ଚୋରି ହେଉଥିଲା ବିଦ୍ୟୁତ୍ ଟ୍ରାନ୍ସଫର। ଅନ୍ଧକାରରେ ରାତି କଟାଉଥିଲେ ଗ୍ରାମବାସୀ। ଶେଷରେ ପାପଡାହାଣ୍ଡି ପୋଲିସ ବ୍ଲକର ବିଭିନ୍ନ ସ୍ଥାନରେ ହୋଇଥିବା ଟ୍ରାନ୍ସଫର୍ମର ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ସମସ୍ତେ ଛତିଶଗଡ ଅଞ୍ଚଳର ବୋଲି ଜଣାପଡଛି। ପାପଡାହାଣ୍ଡି ଥାନା ଅଧିକାରୀ ମୀରା ନାୟକଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ ଚାଲିଥିଲା। କେସ୍ ନମ୍ବର ୯୭/୨୨। ଅଭିଯୁକ୍ତମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି।

# ଆର୍ଥିକ ଅନଟନରେ ବିଡ଼ି ଶ୍ରମିକ

- ସ୍ୱଳ୍ପ ପାରିଶ୍ରମିକ ସତ୍ତ୍ୱେ ଛାଡି ପାରୁ ନାହାନ୍ତି ବେଉସା
- ୬ ବର୍ଷ ହେଲା ଜନକଲ୍ୟାଣ ପାଣ୍ଠି ସହାୟତା ବନ୍ଦ

ନୟାଗଡ଼ ଅଫିସ,୨।୭

ନୟାଗଡ଼ ଜିଲାର ବିଡ଼ି ଶ୍ରମିକମାନେ ଆର୍ଥିକ ଅନଟନରେ ଛନ୍ଦି ହୋଇ ନାନା ଦୁଃଖକଷ୍ଟରେ ଜୀବନଯାପନ କରୁଛନ୍ତି । ବିଡ଼ି ମୋଡାରେ ସ୍ୱଳ୍ପ ପାରିଶ୍ରମିକ ମିଳୁଥିଲେ ହେଁ ନିଜର ବେଉସାକୁ ଛାଡି ପାରୁ ନାହାନ୍ତି। ଶ୍ରମ ଆଇନରେ ପରିବର୍ତ୍ତନ ପରେ ଜନକଲ୍ୟାଣ ପାଣ୍ଠିର ସହାୟତା ରାଶି ୬ ବର୍ଷ ହେଲା ବନ୍ଦ ହୋଇଛି । ଏହି କାରଣରୁ ସେମାନଙ୍କ ଦୁଃଖ ବଢ଼ି ଚାଲିଛି । ଆର୍ଥିକ ଅନଟନରେ ରହିଥିବା ବିଡ଼ି ଶ୍ରମିକମାନଙ୍କୁ ସହାୟତା ରାଶି ଯୋଗାଇବାକୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ମଧ କେନ୍ଦ୍ର ଓ ରାଜ୍ୟ ସରକାର ଶୁଣୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି । ନୟାଗଡ଼ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ବିଡ଼ି ଶ୍ରମିକମାନେ ରହିଛନ୍ତି । ତେବେ ଖଣ୍ଡପଡ଼ା ବ୍ଲକର ୨୨ ପଞ୍ଚାୟତ ଅଞ୍ଚଳରେ ବିଡ଼ି ଶ୍ରମିକଙ୍କ ସଂଖ୍ୟା ଅଧିକ। ଏହି ବ୍ଲକର ସିଦ୍ଧାମୂଳା, ବାଣପୁର, ସିଂଘାପଡା, ବୋଦସା, ଖଳିପଡା,



ବିଡ଼ି ଶ୍ରମିକମାନେ ବିଡ଼ି ବାନ୍ଧିବାରେ ବ୍ୟସ୍ତ।

ବେଣାଗାଣିଆ, ହରିଚନ୍ଦନପୁର, ଚାଉପଲ୍ଲୀ, ମର୍ଦ୍ଦରାଜପୁର ଅଞ୍ଚଳର ବିଡ଼ି ଶ୍ରମିକମାନଙ୍କୁ ଦେଖିଲେ ସେମାନେ ଦୁଃଖ ସ୍ୱଷ୍ଟ ବାରି ହୋଇପଡେ । ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ବି ବିଡ଼ି ମୋଡାକୁ ଛାଡି ପାରି ନାହାନ୍ତି । ଏନେଇ ମର୍ଦ୍ଦରାଜପୁର ଗୀତାଞ୍ଜଳି ରାଉତ ଓ ହରିଚନ୍ଦନପୁରର ସରିତା ପ୍ରଧାନ କୁହନ୍ତି, ୧ ହଜାର ବିଡ଼ି ମୋଡିବା ପାଇଁ ଜଣେ କାରିଗରଙ୍କୁ ଦେଢ଼ରୁ ଦୁଇ ଦିନ ଲାଗେ। ୧ହଜାର ବିଡି ମୋଡିଲେ ୧୦୦ ଟଙ୍କା ମିଳିଥାଏ । ସ୍ୱଳ୍ପ ଟଙ୍କା ମିଳୁଥିଲେ ହେଁ ବେଉସାକୁ ଛାଡି ହେଉନି । କାରଣ ଘରେ ବସି ଆମେ କିଛି ରୋଜଗାର କରି ପାରୁଛୁ। ଅନ୍ୟ ଧନ୍ଦାରେ ଘରେ ବସି ଟଙ୍କା ରୋଜଗାର କରିହେଉଥିଲେ ହେଁ ସେହି କାମ ଆମ ପାଇଁ ସହଜ ହେଉ ନାହିଁ । ତେବେ ସରକାରୀ ସହାୟତା କିଛି ମିଳୁନି। ଚାଉପଲୀର ରାମ ପ୍ରଧାନ କୁହନ୍ତି, ଆଗ ପରି ଆଉ ବିଡ଼ି ମୋଡା ଯାଉ ନ ଥିଲେ ହେଁ ବିଡ଼ି କାରିଗରଙ୍କ ସଂଖ୍ୟା କମିନି। ଘରେ ବସି ମହିଳାମାନେ ଏଥିରେ ରୋଜଗାର କରି ପାରୁଛନ୍ତି । ଯଦିଓ ବିଡ଼ି ମୋଡାରେ ସ୍ୱଳ୍ପ ପାରିଶ୍ରମିକ ମିଳୁଛି ତେବେ ମଜୁରୀ ବଢ଼ାଇଲେ କିଛି ଅସୁବିଧା ହେବନି। ବର୍ତ୍ତମାନର ମହଙ୍ଗା ବଜାରରେ ବିଡ଼ି ଶ୍ରମିକଙ୍କ ପରିବାର ଦୋକାନ ବଜାରରୁ ସଉଦା କିଣିବାରେ ସକ୍ଷମ ହୋଇ ପାରୁ ନାହାନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଆମମାନଙ୍କ ଦୁଃଖ ବୁଝିବା ଦରକାର ବୋଲି ସେ କହିଛନ୍ତି । ଏନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହ ସମ୍ପାଦକ ତଥା ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ କୁହନ୍ତି, କେନ୍ଦ୍ରୀୟ ଶ୍ରମ ଆଇନ ଦ୍ୱାରା ପଞ୍ଜିକୃତ ବିଡ଼ି ଶ୍ରମିକ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ପାଣ୍ଠିରୁ ମୃତ୍ୟୁକାଳୀନ ସହାୟତା, ଶିକ୍ଷା, ଗୃହ ଓ ଝିଅ ବିବାହ ପାଇଁ ସହାୟତା ରାଶି ପାଉଥିଲେ । ତେବେ କେନ୍ଦ୍ର ସରକାର ଶ୍ରମ ଆଇନରେ ପରିବର୍ତ୍ତନ ଆଣିବା ପରେ ୨୦୧୬ ପରଠାରୁ ଆଉ ଜନକଲ୍ୟାଣ ପାଣ୍ଠିରୁ ସହାୟତା ରାଶି ବିଡ଼ି ଶ୍ରମିକ ପାଉ ନାହାନ୍ତି । ସ୍ୱଳ୍ପ ଟଙ୍କାରେ ଘର ଚଳାଇବା କାଠିକର ପାଠ । ଶ୍ରମ ଆଇନ ପରିବର୍ତ୍ତନ ପରେ ଜନକଲ୍ୟାଣ ପାଣ୍ଠି ପରି ଅନୁରୂପ ପାଣ୍ଠିର ବ୍ୟବସ୍ଥା କରି ବିଡ଼ି ଶ୍ରମିକଙ୍କୁ ସହାୟତା ରାଶି ଯୋଗାଇବାର ବ୍ୟବସ୍ଥା କରିବାକୁ ସେ ଅନୁରୂପ ଦାବି କରିଛନ୍ତି ।

## ଶ୍ରୀଜଗନ୍ନାଥଙ୍କ ମତ୍ସ୍ୟ ଅବତାର ବେଶ



ଶ୍ରୀଜଗନ୍ନାଥଙ୍କ ମତ୍ସ୍ୟ ଅବତାର ବେଶ ।

ଦଶପଲ୍ଲା,୨।୭ (ଡି.ଏନ୍.ଏ.)

ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରଥଉପରୁ ପହଣ୍ଡି କରାଯାଇ ମାଉସୀମା'ମନ୍ଦିରଙ୍କୁ ନିଆଯାଇଥିଲା । ରାଣୀଙ୍କ ଅଧରପଣା ପାଇବା ପରେ ମହାପ୍ରଭୁଙ୍କୁ ରଥରୁ ଅପରାହ୍ନ ୩ ଟାରେ ପହଣ୍ଡି କରାଯାଇଥିଲା । ମାଉସୀମା' ମନ୍ଦିରରେ ମହାପ୍ରଭୁ ମତ୍ସ୍ୟ ଅବତାର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ବହୁ ଶ୍ରଦ୍ଧାଳୁ ଶ୍ରୀଜଗନ୍ନାଥଙ୍କ ଏହି ବେଶ ଦେଖିବା ସହ ପୂଜାର୍ଚ୍ଚନା କରିଥିଲେ ।

## ଗୁଣ୍ଡିଚା ମଣ୍ଡପ ନିକଟରେ ପହଞ୍ଚିଲା ୩ ରଥ



ଗୁଣ୍ଡିଚା ମଣ୍ଡପ ନିକଟରେ ତିନି ରଥ।

ନୟାଗଡ଼ ଅଫିସ,୨।୭

ନୟାଗଡ଼ ଜିଲା ସଦର ମହକୁମାର ପୁରୁଣାସହରରେ ରଥ ଟଣା ସୁରୁଖୁରୁରେ ଶେଷ ହୋଇଛି । ଭକ୍ତମାନେ ବଳଦେବଜୀଉଙ୍କ ତାଳଧ୍ୱଜ ରଥକୁ ଗୁଣ୍ଡିଚା ମନ୍ଦିର ନିକଟରେ ଶୁକ୍ରବାର ପହଞ୍ଚାଇ ଥିଲେ । ଶନିବାର ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳାମାନେ ହନୁମାନ ଛକରୁ ଓ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ନବନାଳ ମଠ ନିକଟରୁ ଗୁଣ୍ଡିଚା ମଣ୍ଡପ ନିକଟକୁ ଟାଣି ନେଇଥିଲେ। ୩ ରଥ ଗୁଣ୍ଡିଚା ମଣ୍ଡପରେ ଲାଗି ଯାଇଛି । ଏହି ରଥଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

## ୧୦ରୁ ନୟାଗଡ଼ କଲେଜ ହୀରକ ଜୟନ୍ତୀ ସମାରୋହ

ନୟାଗଡ଼ ଅଫିସ,୨।୭

ଚଳିତମାସ ୧୦ତାରିଖରୁ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହେବ। ନଭେମ୍ବର ୧୦ରୁ୧୪ ତାରିଖ ୫ଦିନ ଧରି ଚୂଡ଼ାନ୍ତ ସମାରୋହ ଅନୁଷ୍ଠିତ ହେବ । ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପୁରାତନ ଏବଂ ବର୍ତ୍ତମାନର ଶିକ୍ଷାର୍ଥୀମାନଙ୍କୁ ନେଇ ନାଟକ ମଞ୍ଚସ୍ଥ ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ପ୍ରଥମ ବ୍ୟାଚର ଛାତ୍ରଛାତ୍ରୀଙ୍କ ସହିତ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷାକର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହି ପରିପ୍ରେକ୍ଷୀରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଏହି ଉଦଘାଟନ ଉତ୍ସବରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧକ୍ଷ ସୁରେଶ କୁମାର ପ୍ରଧାନ ଜିଲାସ୍ତରୀୟ ଆଲୁମ୍ନି ଖବରଦାତାମାନଙ୍କ ଏକ ବୈଠକ ଆହ୍ୱାନକରି ସେମାନଙ୍କ ସହଯୋଗ କାମନା କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଖବରଦାତାମାନଙ୍କୁ ନେଇ ଏକ ୬ଜଣିଆ କୋର କମିଟି ଗଠନ କରାଯାଇଛି। ଏଥିରେ ଖବରଦାତା ଶ୍ରୀକାନ୍ତ ଖଟେଇ,ଲକ୍ଷ୍ମୀଧର ସାହୁ,ରଜତ ପଟ୍ଟନାୟକ,ବୈଦ୍ୟଭୂଷଣ ମହାପାତ୍ର,ପ୍ରଦୀପ୍ତ ରଥ ଏବଂ ଅନୱାର ଅଲ୍ଲି ପ୍ରମୁଖ ଅଛନ୍ତି । ଏକବର୍ଷ ବ୍ୟାପୀ ପାଳନ ହେବାକୁଥିବା ହୀରକ ଜୟନ୍ତୀ ସମାରୋହର ଗଣମାଧ୍ୟମରେ ପ୍ରଚାର ପ୍ରସାର ଦିଗରେ ଏହି ଆଲୁମ୍ନି ଖବରଦାତାମାନେ ସକ୍ରିୟ ଭୂମିକା ଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

୧୯୬୧ରେ ନୟାଗଡ଼ର ତତ୍କାଳୀନ ଏସ୍‌ଡିଓ ଭ୍ରମରବର ଜେନାଙ୍କ ଉଦ୍ୟମରେ ଶିକ୍ଷାବିତ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ,ଅକ୍ରୁର ମହାପାତ୍ର,ରଘୁନାଥ ମହାପାତ୍ର,ନରସିଂହ ପଟ୍ଟନାୟକ, ରାଜକିଶୋର ପଟ୍ଟନାୟକ,ରଘୁନାଥ ଦାସ ପ୍ରମୁଖଙ୍କ ସହଯୋଗ ନୟାଗଡ଼ବାସୀଙ୍କ ପ୍ରମୁଖ ଭୂମିକାରେ ନୟାଗଡ଼ ମହାବିଦ୍ୟାଳୟ ଗଢ଼ି ଉଠିଥିଲା । ଏବେ ଏହି ମହାବିଦ୍ୟାଳୟର ୬୦ବର୍ଷ ପୂର୍ତ୍ତି ପରେ ଚଳିତବର୍ଷ ହୀରକ ଜୟନ୍ତୀ ସମାରୋହ ପାଳନ କରିବାକୁ ଯାଉଛି । ଚଳିତ ଜୁଲାଇ ୧୦ରେ ଏହାର ଉଦ୍‌ଘାଟନ ଉତ୍ସବ ପାଳନ ହେବ । ବର୍ଷେ ବ୍ୟାପୀ ବିଭିନ୍ନ ସମୟରେ ବୌଦ୍ଧିକ ଏବଂ ଗବେଷଣା ମୂଳକ ଆଲୋଚନାଚକ୍ରମାନ ଅନୁଷ୍ଠିତ ହେବ । ଏଥିରେ ଆନ୍ତର୍ଜାତୀୟ ଓ ଜାତୀୟ ଖ୍ୟାତି ସମ୍ପନ୍ନ ବିଜ୍ଞାନୀମାନେ ଆଲୋଚକ ଭାବେ ଯୋଗ ଦେବେ । ଏହି ପ୍ରକ୍ରିୟାର ସଫଳତା ପାଇଁ ପୁରାତନ ପ୍ରାୟ ୨୨ହଜାର ଛାତ୍ରୀଛାତ୍ରଙ୍କୁ ସମ୍ପର୍କର ସୂତ୍ରରେ କଲେଜ ସହିତ ଯୋଡ଼ିବା ,ପୂଜ୍ୟପୂଜା ପରମ୍ପରା ଆଧାରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ,ଶିକ୍ଷକ, ଶିକ୍ଷାକର୍ମୀମାନଙ୍କୁ ଯଥାମାନ୍ୟ ପୂର୍ବକ ସେମାନଙ୍କ ଅଭିଜ୍ଞତାକୁ ପ୍ରେରଣାର ଉତ୍ସଭାବେ ଗ୍ରହଣ କରାଯିବ। ଜନପ୍ରତିନିଧିମାନଙ୍କୁ ଏଥିସହିତ ଜଡ଼ିତ କରି ବିକାଶ ଦିଗରେ ଏକ ସକରାତ୍ମକ ଇଚ୍ଛାଶକ୍ତି ଗଢ଼ି ତୋଳିବା ଏହି ସମାରୋହର ଚରମ ଲକ୍ଷ୍ୟ ହେବ ବୋଲି ଅଧକ୍ଷ ପ୍ରଧାନ ପ୍ରକାଶ କରିଥିଲେ । ଏହି ବୈଠକରେ ଅଧ୍ୟାପକ ଆଶୁତୋଷ ମିଶ୍ର, ଗଣେଶ ମିଶ୍ର, ବିପିନ ବିହାରୀ ପଟ୍ଟନାୟକ,ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ହୀରକ ଜୟନ୍ତୀ ପାଇଁ ଆୟୋଜିତ ବୈଠକରେ ଯୋଗ ଦେଇଥିବା ବ୍ୟକ୍ତିମାନେ।

## ନାବାଳିକାଙ୍କୁ ଉଦ୍ଧାର ପାଇଁ ହରିୟାଣା ଗଲା ପୋଲିସ

ଆସିକା,୨।୭ (ଡି.ଏନ.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ଚାଙ୍ଗରାପଲ୍ଲୀ ଗ୍ରାମରୁ ୫ ବର୍ଷ ତଳେ ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ । ସେ ଏବେ ହରିୟାଣାର ଶିର୍ଷା ଜିଲାରେ ରହଛନ୍ତି। ସମ୍ପୃକ୍ତା ନାବାଳିକାଙ୍କ ସହ ସାକ୍ଷାତକାରର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗାଙ୍ଗପୁର ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା । ନାବାଳିକାଙ୍କ ପରିଚୟ ସ୍ୱଷ୍ଟ ହେବା ପରେ ତାଙ୍କ ପରିବାର ପକ୍ଷରୁ ଗାଙ୍ଗପୁର ଥାନାରେ ନିଖୋଜ ନେଇ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ଗାଙ୍ଗପୁର ଥାନାରେ ନଂ.୨୨/୨୨ରେ ଏକ ନିଖୋଜ ମାମଲା ରୁଜୁ କରାଯାଇଛି । ଶନିବାର ଗାଙ୍ଗପୁର ଥାନାର ୨ଜଣ ମହିଳା କନଷ୍ଟେବଲଙ୍କ ସହ ଜଣେ ଅଫିସର ଜିଲା ମହିଳା କଲ୍ୟାଣ ସଂସ୍ଥାର ପ୍ରତିନିଧିଙ୍କ ସହ ହରିଆନା ଗସ୍ତ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି। ନାବାଳିକା ଜଣକ ହରିଆନାର ଏକ ଉଦ୍ଧାର କେନ୍ଦ୍ରରେ ରହିଛନ୍ତି। ସେ କେଉଁ ପରିସ୍ଥିତିରେ ନିଖୋଜ ହେଲେ ଏବଂ ହରିୟାଣାରେ ପହଞ୍ଚିଲେ ତାହା ସ୍ୱଷ୍ଟ ହୋଇନାହିଁ ବୋଲି ଥାନା ଅଧିକାରୀ ପ୍ରକାଶ କରଛନ୍ତି।

## ଖୋଲିଲା ସବୁଦିନିଆ ନିଦାନ ବିଭାଗ

ଭାପୁର,୨।୭ (ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖୋଲିଲା ସବୁଦିନିଆ ନିଦାନ ବିଭାଗ । ପୂର୍ବରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସପ୍ତାହକୁ ମାତ୍ର ଦୁଇଦିନ ଏହି ସେବା ମିଳୁଥିଲା । ଏଣିକି ପ୍ରତିଦିନ ସେବା ମିଳିବା ସହ ଏଠାରେ ୨୪ ପ୍ରକାର ପରୀକ୍ଷା ସୁବିଧା ଉପଲବ୍ଧ ହେବ ବୋଲି କହିଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ପାଇକରାୟ । ଅନ୍ୟପକ୍ଷେ, ଏହି ସୁବିଧା ଯୋଗାଇଦେବା ନିମନ୍ତେ ଲ୍ୟାବ ଟେକ୍ନିସିଆନ୍ ଭାବେ ସ୍ୱର୍ଣ୍ଣମୟୀ ଦଳେଇ ନୂତନ ଭାବେ ଯୋଗ ଦେଇଥିବା ସୂଚନା ମିଳିଛି ।

## ଖଲ୍ଲିକୋଟ ଅଞ୍ଚଳରେ ବାଇକ୍ ଚୋରି ବୃଦ୍ଧି

ଖଲ୍ଲିକୋଟ,୨।୭ (ଡି.ଏନ.ଏ.)

ଖଲ୍ଲିକୋଟ ଅଞ୍ଚଳରେ କିଛିଦିନ ହେବ ବାଇକ୍ ଚୋରି ବୃଦ୍ଧି ପାଇଛି। ବୁଧବାର ମଧରାତ୍ରିରେ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ଉପେନ୍ଦ୍ର ନନ୍ଦ ବାଇକ (ନଂ ଓଡି୦୭ଏ୩୭୨୪) ଘର ବାରଣ୍ଡାରେ ରଖିଥିବା ବେଳେ କୌଣସି ଦୁର୍ବୃତ୍ତ ଚାବି ଭାଙ୍ଗି ଚୋରି କରି ନେଇଛି। ସେହିପରି କେଶପୁର ବଜାରରୁ ଏସ.ଗୋପାଳ ଦୋରାଙ୍କ ବାଇକ ଚୋରି ହୋଇଛି। କିଛିଦିନ ହେବ ସିମେଣ୍ଟ ରଡ଼ ବ୍ୟବସାୟୀ ଅଶୋକ ପାତ୍ର ବାହାରକୁ ଯାଇଥିବା ବେଳେ ଦିନରେ କ୍ୟାସ ଡ୍ରରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା । ସିସି ଫୁଟେଜରୁ ଲୁଟ କରିଥିବା ବ୍ୟକ୍ତିଙ୍କ କାରନାମା ଦେଖାଯାଇଥିଲେ ସୁଦ୍ଧା ଆଜିସୁଦ୍ଧା କାବୁ କରାଯାଇନାହିଁ। ଗତ ୨୬ ତାରିଖ ରାତ୍ର ଖଲ୍ଲିକୋଟ ଓଁ ଶାନ୍ତି ନଗରରେ ଗ୍ରିଲ ତାଡ଼ି ସୁନା ରୁପା ଓ ନଗଦ ଟଙ୍କା ଚୋରି ହୋଇଛି। ସେହିପରି ଭିକାପଡ଼ା ଗ୍ରାମରେ ଗେଡ଼ା ଭାଙ୍ଗି କବାଟ ଖୋଲି ଚୋରି ହୋଇଛି। ଖଲ୍ଲିକୋଟ ଟାଉନ ସମେତ ଗାଁ ଗହଳି ଅଞ୍ଚଳରେ ଚୋରି ବୃଦ୍ଧି ହେତୁ ଲୋକେ ଭୟଭୀତ ହେଉଛନ୍ତି। ଶ୍ରୀକୃଷ୍ଣଶରଣପୁର ଗ୍ରାମର ଜଣେ ମହିଳା ଗୁରୁବାର ଭୋର ୫ଟାରେ ପାଣି ବାହାରୁ ନେଉଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଆସି ବେକରୁ ଚେନ ଝମ୍ପି ନେଇଯାଇଥିଲେ। ପାଟି କରିବାରୁ ଓ ତାହା ନକଲି ସୁନା ହୋଇଥିବାରୁ ତାହା ଛାଡ଼ି ଦୌଡ଼ି ପଳାଇଥିଲେ। ପୋଲିସ ପେଟ୍ରୋଲିଂ କଡ଼ାକଡ଼ି ସହ ଚୋରି ର୍ୟାକେଟକୁ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି।

## ବିଧାନସଭା ସମ୍ମୁଖରେ ଗଣଧାରଣାରେ ବସିବେ ଅସବର୍ଣ୍ଣ

ନୟାଗଡ଼ ଅଫିସ,୨।୭

ନୟାଗଡ଼ ଜିଲା ଶରଣକୂଳ ଥାନା ଗୋଡିପଡା ଫାଣ୍ଡି ଜାକେଡ଼ା ଗ୍ରାମରେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଲାଗି ରହିଥିବା କନ୍ଦଳର ସମାଧାନ ହୋଇ ପାରୁ ନ ଥିବାରୁ ବିବାଦ ବଢ଼ି ଚାଲିଛି । ପ୍ରତିବାଦରେ ଅସବର୍ଣ୍ଣ ୨୧ ପରିବାର ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରି ବିଧାନସଭା ସମ୍ମୁଖରେ ଗଣଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏ ଅବସରରେ ଜୁଲାଇ ୭ରେ ଶରଣକୁଳ ଲଡୁବାବାଙ୍କ ଯାତ୍ରୀନିବାସଠାରୁ ଅସବର୍ଣ୍ଣ ପରିବାର ପଦଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ବାହାରିବେ । ଏନେଇ ଅସବର୍ଣ୍ଣ ପରିବାର ଶନିବାର ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି । ଜିଲାପାଳଙ୍କ ଅନୁପସ୍ଥିତିରେ ଅତରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ଗ୍ରହଣ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଜାକେଡାରେ କୋଠ ସମ୍ପତ୍ତି, ସରକାରୀ ପୋଖରୀ, ଆମ୍ବତୋଟା, ଗ୍ରାମ୍ୟ ଜଙ୍ଗଲ ଓ ସରକାରୀ ଜମି ଭାଗବଣ୍ଟାକୁ କେନ୍ଦ୍ର କରି ୨୦୧୮ରେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ତତ୍କାଳୀନ ଜିଲାପାଳଙ୍କ ନର୍ଦ୍ଦେଶରେ ଓଡ଼ଗାଁ ବିଡିଓଙ୍କ ଅଧକ୍ଷତାରେ ୨୦୧୮ ଫେବୃୟାରୀ ୧୬ରେ ଶାନ୍ତି କମିଟିର ବୈଠକ ବସିଥିଲା । ଗ୍ରାମର କୋଠ ସମ୍ପତ୍ତି, ସରକାରୀ ପୋଖରୀ, ଆମ୍ବତୋଟା, ଗ୍ରାମ୍ୟ ଜଙ୍ଗଲ ଓ ସରକାରୀ ଜମିକୁ ଉଭୟ ଗୋଷ୍ଠୀର ଆନୁପାତିକକୁ ଭିତ୍ତି କରି ଭାଗବଣ୍ଟା ଯିବାକୁ ନିଷ୍ପତ୍ତି ହୋଇଥିଲା । ଏହା ପରେ ବିବାଦ ଥମିଥିଲା। ସବର୍ଣ୍ଣ ଓ ଅସବର୍ଣ୍ଣ ଲୋକ ମିଳିତ ଭାବେ ପାଳି ପହରା କରି ସୁରକ୍ଷା ଦେଉଥିଲେ। ତେବେ ଗାଁ ସମ୍ପତ୍ତିରେ ସବର୍ଣ୍ଣମାନେ ଅସବର୍ଣ୍ଣଙ୍କୁ ଅଣଦେଖା କରିଥିଲେ । ଗାଁ କୋଠର ସରକାରୀ ଜମିରୁ ଗଛ କାଟି ବିକ୍ରି କରି ସେମାନଙ୍କର ଭାଗ ଅସବର୍ଣ୍ଣଙ୍କୁ ଦେଇ ନ ଥିଲେ। ପୁଣି ଆମ୍ବ, କାଜୁ ନିଲାମ ଦେଇ ସେହି ଅର୍ଥ ଆତ୍ମସାତ କରୁଥିଲେ ବୋଲି ଅଭିଯୋଗ ହୋଇ ଆସୁଥିଲା । ଅସବର୍ଣ୍ଣ ପରିବାର ଏହାର ପ୍ରତିବାଦ କରିବାରୁ ସବର୍ଣ୍ଣମାନେ ଗାଁରେ ବୋମା ପକାଇ ଭୟର ବାତାବରଣ ସୃଷ୍ଟି କରୁଛନ୍ତି ବୋଲି ଅନୁରୂପ ଅଭିଯୋଗ ହୋଇଥଲା । ଏହି ଘଟଣାରେ ୨୦୨୧ ଏପ୍ରିଲ ୨୩ ରାତିରେ ଗ୍ରାମରକ୍ଷୀ ବୁଦ୍ଧିବାମନ ନାୟକ ଓରଫ ବିଚି (୪୭) ଓ ମଣିଆ ନାୟକ(୨୮)କୁ ସବର୍ଣ୍ଣମାନେ ମାରଣାସ୍ତ୍ର ଦେଖାଇ ଅପହରଣ କରି ନେଇଥିଲେ ।

**କୋଠ ସମ୍ପତ୍ତିକୁ ନେଇ ଜାକେଡା ବିବାଦ ପ୍ରସଙ୍ଗ**

- ଜୁଲାଇ ୭ରେ ଶରଣକୂଳରୁ ବାହାରିବ ପଦଯାତ୍ରା
- ଅତିରିକ୍ତ ଜିଲାପାଳଙ୍କୁ ଦେଲେ ଦାବିପତ୍ର

ଏହି ଘଟଣାକୁ ନେଇ ଜାକେଡା ଅଶାନ୍ତ ହୋଇ ପଡିଥିଲା । ପରେ ପୋଲିସ ଓ ଜିଲା ପ୍ରଶାସନର ଚାପରେ ସବର୍ଣ୍ଣମାନେ ଦୁଇ ଅପହରଣକାରୀଙ୍କୁ ୨୪ ଘଣ୍ଟା ପରେ ଛାଡିଥିଲେ । ସେହିଦିନଠାରୁ ଏହି ବିବାଦର ସମାଧାନ ହୋଇ ପାରୁ ନାହିଁ । ପୋଲିସ କେବଳ ଅସବର୍ଣ୍ଣଙ୍କ ଅଭିଯୋଗକୁ ନେଇ ମାମଲା ରୁଜୁ କରି ଚୁପ ହୋଇ ବସି ରହିଥିଲା । ଅନ୍ୟପକ୍ଷେ ମୋକଦ୍ଦମା ପରେ ଅସବର୍ଣ୍ଣମାନଙ୍କ ଘରର କବାଟ ଭାଙ୍ଗି ଘରୁ ଲୁଟ୍ କରାଯାଇଥିଲା। ଗାଁରୁ ସେମାନଙ୍କୁ ତଡି ଦିଆ ଯାଇଥିଲା । ଗାଁରୁ ତଡା ଖାଇ ୭ମାସ ହେଲା ଯାଯାବର ଜୀବନଯାପନ କରିଥିଲେ ଅସବର୍ଣ୍ଣ । ଘଟଣା ସମ୍ପର୍କରେ ଏସ୍‌ପିଙ୍କୁ ଫେରାଦ୍ ହୋଇଥିଲେ ମଧ ସୁଫଳ ମିଳି ନ ଥିଲା । ଗାଁରୁ ବିତାଡିତ ୨୧ ଅସବର୍ଣ୍ଣ ପରିବାର ନ୍ୟାୟ ପାଇଁ ଭୁବନେଶ୍ୱରରେ ଗତ ୨୦୨୧ ଡିସେମ୍ବର ୨୪ ତାରିଖରୁ ୩ ଦିନ ଧାରଣା ଦେଇଥିଲେ । ପରେ ପରେ ନୟାଗଡ଼ ଜିଲା ପ୍ରଶାସନର ନିଦ ଭାଙ୍ଗିଥିଲା। ଉପଜିଲାପାଳ ଧାରଣାରତ ୨୧ ପରିବାରର ୮୩ ଲୋକଙ୍କୁ ଭୁବନେଶ୍ୱରରୁ ଆଣି ଶରଣକୂଳ ଥାନା ପୋଲିସ ଜିମା ଦେଇ ସୁରକ୍ଷା ଦେଇଥିଲେ। ଏହା ପରେ ଗାଁରେ ଶାନ୍ତି ପ୍ରତିଷ୍ଠା କରାଯାଇ ଅସବର୍ଣ୍ଣ ଲୋକଙ୍କୁ ଗାଁକୁ ଫେରାଇବାକୁ ପ୍ରଚେଷ୍ଟା ଆରମ୍ଭ ହୋଇଥଲେ ମଧ ସୁଫଳ ମିଳିଲାନି । ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଥିବାବେଳେ କିଛି ଲୋକ ହାଇକୋର୍ଟରେ ଜାମିନ୍ ପାଇଛନ୍ତି । ଏଭଳିସ୍ଥଳେ ଅସବର୍ଣ୍ଣଙ୍କ ଦୁଃଖ ବଢ଼ି ଚାଲିଛି । ଏନେଇ ପ୍ରମିଳା ନାୟକ ଓ ପ୍ରମିଳା ସେନାପତି କୁହନ୍ତି, ଭଙ୍ଗା ବାସଗୃହକୁ ମରାମତି କରି ଗାଁକୁ ଯିବାକୁ ବାଧ କରାଯାଉଛି । ତେବେ ଗାଁକୁ ଗଲା ପରେ ପୁଣି ନିର୍ଯାତିତ ହେବୁ । ଏବେ ୧୪ ମାସ ହେଲା ଯାଯାବର ପରି ବୁଲୁଛୁ । ଆମର ଦୁଃଖ କେହି ବୁଝୁ ନାହାନ୍ତି । ଏଣୁ ଆମକୁ ସବୁ ପ୍ରକାର ସୁବିଧା ସୁଯୋଗ ନ ମିଳିଲେ ଗାଁକୁ ଗଲେ ଚଳିବା ମୁସ୍କିଲ ହୋଇ ପଡିବ ବୋଲି ଉଭୟ କାନ୍ଦି କାନ୍ଦି କହିଛନ୍ତି ।